ଧରିତ୍ରୀ
DHARITRI
ରାୟଗଡ଼ା, ମଙ୍ଗଳବାର, ୨୮ ଜାନୁୟାରୀ, ୨୦୨୦



## ସଂକ୍ଷେପରେ

### ନିଜ ଦେହରେ ବୋତଲ ଭୁସିଲେ ଯୁବକ



ରାୟଗଡ଼ା ଅଫିସ,୨୭।୧: ରାୟଗଡ଼ାର ମଝିଘରିଆଣୀ ମନ୍ଦିର ନିକଟରେ ଥିବା ବଙ୍ଗାଳିସାହିର ମହେଶ୍ୱର କଲାକା (୩୫) ନାମକ ଜଣେ ଯୁବକ ନିଶାଗ୍ରସ୍ତ ଅବସ୍ଥାରେ ନିଜ ଦେହରେ ବୋତଲ ଭୁସି ଦେଇଛନ୍ତି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ଟାଉନ ଥାନାକୁ ଯାଇ ଏପରି କରିଥିବା କହିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ପରେ କୋରାପୁଟ ସ୍ଥାନାନ୍ତର କରାଯାଇଛି । ରବିବାର ରାତିରୁ ତାଙ୍କର ମାନସିକ ଅବସ୍ଥା ଠିକ ନ ଥିଲା । ସେ ନିଜ ଦେହରେ ମଦ ବୋତଲ ଭୁସି ମରିବି ବୋଲି ଭାଇ ତିରୁପୁ କଲାକାଙ୍କୁ ଫୋନ ଯୋଗେ କହିଥିବା ତାଙ୍କ ଭଉଣୀ ପ୍ରକାଶ କରିଛନ୍ତି ।

### ମୁକ୍ତାକାଶରଙ୍ଗମଞ୍ଚରେ ପ୍ରତିଭା ଦେଖାଇଲେ ଶିଶୁ କଳାକାର



ପଦ୍ମପୁର,୨୭।୧(ଡି.ଏନ୍.ଏ.): ରାୟଗଡ଼ା ଜିଲା ପଦ୍ମପୁରସ୍ଥିତ ଆରିୟନ ଇଂଲିଶ ମିଡିୟମ୍ ସ୍କୁଲରେ ରବିବାର ସନ୍ଧ୍ୟାରେ କ୍ୟାମ୍ପସ୍ ଡେ ପାଳନ କରାଯାଇଛି। ବସନ୍ତ ଦେବୀ ବିଦ୍ୟାପୀଠ ପ୍ରଧାନଶିକ୍ଷକ ପ୍ରଶାନ୍ତ ଶତପଥୀ, ବିଜୟାନନ୍ଦ ହାଇସ୍କୁଲର ପ୍ରଧାନଶିକ୍ଷକ ସୁଶାନ୍ତ ପାଣିଗ୍ରାହୀ ଓ ତ୍ରିବେଣୀ ସାଇନ୍ସ କଲେଜର ସୀତାକାନ୍ତ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ମୁକ୍ତାକାଶ ରଙ୍ଗମଞ୍ଚରେ ନିଜ ପ୍ରତିଭା ଦେଖାଇଥିଲେ। ସେମାନେ ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ। ଛାତ୍ରବୃତ୍ତି ପାଇବାକୁ ଯୋଗ୍ୟ ଅବ୍ଦୁଲ୍ ସାହୁ ଓ ପି. ଭରତଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଠିକ୍ ସେହିଭଳି ମାତୃ ବର୍ଗର ଯୋଗ୍ୟ ବିବେଚିତ ଭାନୁମତୀ ଶବର, ସୁଧାଂଶି ଶୁକ୍ଳା, ସରସ୍ୱତୀ ଶବର, ନିହାରିକା ବିଡିକା, ଶାନ୍ତିଲତା ପାଣିଗ୍ରାହୀ ଓ ପି. ଭାରତୀଙ୍କୁ ଅତିଥି ସମ୍ମାନିତ କରିଥିଲେ। ଅନୁଷ୍ଠାନର ଶିକ୍ଷା ପରିଦର୍ଶକ ପ୍ରମୋଦ କୁମାର ନାୟକ ଓ ସମ୍ପାଦିକା ସ୍ୱର୍ଣ୍ଣ ମଞ୍ଜରୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ମଙ୍କଡିଝୋଲା ଚାମ୍ପିୟନ



ଟିକିରି, ୨୭।୧(ଡି.ଏନ୍.ଏ.): ଗ୍ରାମାଞ୍ଚଳରେ କ୍ରୀଡ଼ାର ପ୍ରସାର ଲାଗି ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ୍(ୟୁଏଆଇଏଲ୍) ପକ୍ଷରୁ ରାୟଗଡ଼ା ଜିଲା କାଶୀପୁର ବ୍ଲକସ୍ଥିତ ଆର୍ ଆଣ୍ଡ ଆର୍ କଲୋନୀ-୧ରେ ଚାଲିଥିବା ଭଲିବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ମଙ୍କଡିଝୋଲା ରାମିବେଡ଼ା ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ଏଚ୍ଆର୍ ଆଣ୍ଡ ଆଇଆର୍ ବିଭାଗ ଭିପି ଟି.ଏମ୍. ପ୍ରକାଶ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ଗ୍ରାମାଞ୍ଚଳରେ ଲୁଚି ରହିଥିବା ଖେଳାଳିଙ୍କୁ ଖୋଜି ରାଜ୍ୟସ୍ତରକୁ ଆଣିବା କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ୟୁଆଇଏଲ୍ ସଭାପତି ଏନ୍. ନାଗେଶ କହିଥିଲେ। ଉତ୍କଳ ଆଲୁମିନାର ଶିବ ମହାପାତ୍ର, ସୁକାନ୍ତ ମହାପାତ୍ର, ବୋଲାକର ନାୟକ, ସ୍ଥାନୀୟ ଅଞ୍ଚଳର ଗୋବିନ୍ଦ ନାୟକ, ଆଲାରାମ ଭତ୍ରା ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ। ସୂଚନା ଅନୁଯାୟୀ, ଜାନୁୟାରୀ ୨୦ରେ ଏହି ଟୁର୍ଣ୍ଣାମେଣ୍ଟକୁ ଉତ୍କଳ ଆଲୁମିନା ସିଏସ୍ଆର୍ ବିଭାଗ ଡିଜିଏମ୍ ଶିବ ଶଙ୍କର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ୩୨ଟି ଟିମ୍ ଭାଗ ନେଇଥିଲେ।

# ମହିଳା, ଶିଶୁଙ୍କ ବିକାଶ କରିବି



ମନ୍ତ୍ରୀ ଟୁକୁନୀ ସାହୁ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି ।



ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

ରାୟଗଡ଼ା ଅଫିସ,୨୭।୧

ରାୟଗଡ଼ା ଜିଲାସ୍ତରୀୟ ୭୧ତମ ସାଧାରଣତନ୍ତ୍ର ଦିବସ ରବିବାର ସ୍ଥାନୀୟ ଗୋବିନ୍ଦଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏଥିସହ ସମ୍ମିଳିତ ପରେଡକୁ ଅଭିବାଦନ ଗ୍ରହଣ କରିଥିଲେ । ଆଜିର ଦିନ ଅତି ଗର୍ବର ଦିନ । ଏହି ଦିନ ସମ୍ବିଧାନ ପ୍ରଣୟନ ହୋଇଥିଲା । ଏହି ଦିନକୁ ଆମେ ମନେ ପକାଇ ପାଳନ କରୁଛେ । ବୈଷମ୍ୟ ମୁକ୍ତ ସମାଜ ପ୍ରତିଷ୍ଠା ଓ ମାନବିକତାର ପ୍ରତି ସମ୍ମାନ ପ୍ରତିଷ୍ଠା ଆମ ସମ୍ବିଧାନ ର ବିଶେଶତ୍ୱ । ଡ଼. ଭୀମ ରାଓ ଆମ୍ବେଦକର , ପଣ୍ଡିତ ଜବାହାରଲାଲ ନେହ୍ରୁରୁ , ହରେକୃଷ୍ଣ ମହତାବ ,ଆବୁଲ କଲାମ ଆଜାଦ ଭଳି ସମ୍ବିଧାନ ପ୍ରଣୟନ ର ସଦସ୍ୟ ଙ୍କ ତ୍ୟାଗ ପାଇଁ ଆମେ ସମ୍ବିଧାନ ପାଇଛେ । ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ରେ ରାୟଗଡ଼ା ଜିଲାର ବଳିଷ୍ଠ ଭୂମିକା ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇଛି । ଗୁଣପୁର ଉପଖଣ୍ଡ ର ସଉରା ମାନେ ସରକାରଙ୍କୁ ତୀବ୍ର ବିରୋଧ କରିବାରୁ ସରକାର କୈଣସି କର ଆଦାୟ କରୀ ପାରି ନଥିଲେ । ଠିକ ସେହି ସମୟରେ ସଂଗ୍ରାମୀ ନରସିଂହ ସାହୁ ଙ୍କ ନେତୃତ୍ୱରେ ବିଷମକଟକର ଆଦିବାସୀମାନେ ଆନ୍ଦୋଳନ କରି ସେମାନଙ୍କ ଜାତି ର ପରିଚୟ ପ୍ରଦାନ କରିଥିଲେ । ୧୯୨୩ ରେ ସଂଗଠିତ ଆଦିବାସୀ ପ୍ରଜାମେଳୀ ସମଗ୍ର ବ୍ରିଟିସ ସାମ୍ରାଜ୍ୟ କୁ ଦୋହଲାଇଥିଲା । ସରକାରଙ୍କ ବିଭିନ୍ନ ଯୋଜନା ବଳରେ ସବୁ କ୍ଷେତ୍ରରେ ଆଖିଦୃଷ୍ଟିଆ ବିକାଶ ହୋଇଛି । ରାଜ୍ୟର ମହିଳା ଏବଂ ଶିଶୁମାନଙ୍କ ବିକାଶ ଦିଗରେ ସଦା ଚେଷ୍ଟା କରିବି ବୋଲି କହିଥିଲେ । ପରେଡ଼ରେ ମୋଟ ୪୦ ଟି ଗ୍ରୁପ ଅଂଶ ଗ୍ରହଣ କରିଥିଲେ । ସରକାରଙ୍କ ବିଭିନ୍ନ ବିଭାଗ ତରଫରୁ ପ୍ରଜ୍ଞାପନ ମେଢ଼ କରାଯାଇଥିଲା । ପ୍ରଜ୍ଞାପନ ମେଢ଼ରେ ରାୟଗଡ଼ା ପୋଲିସ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଲିଟିଲ ବାର୍ଡ଼ ପବ୍ଲିକ ସ୍କୁଲ, ଶାରିରୀକ କ୍ରୀଡ଼ା କୌଶଳରେ ସେକ୍ରେଟ ହାର୍ଡ଼ ସ୍କୁଲ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । କାଟାଗୋରି ୨ ସିନିୟର ଏନସିସି ରେ ରାୟଗଡ଼ା ସ୍ୱୟଂ ଶାସିତ ମହା ବିଦ୍ୟାଳୟ , କାଟାଗୋରି ୩ ଜୁନିୟର ଏନସିସି ରେ ଜିସିଡ଼ି ହାଇ ସ୍କୁଲ ପ୍ରଥମ ହୋଇଥିଲା । ଅତି ସୁନ୍ଦର ଭାବେ ପିଲାମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା । ଏନେଇ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା , ଆରକ୍ଷୀ ଅଧୀକ୍ଷକ ଡ଼. ଶ୍ରବଣ ବିବେକ ଏମ୍, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ମଞ୍ଚାସୀନ ଥିଲେ । ଏବିଡ଼ିଓ ନୃସିଂହ ଚରଣ ପଟ୍ଟନାୟକ, ସୁଦର୍ଶନ ପାଢ଼ୀ , ରାଜେଶ ପାଢ଼ୀ ପରିଚାଳନା କରିଥିଲେ । ସେହିପରି ସହରର ପ୍ରତ୍ୟେକ ସ୍ଥାନରେ ସରକାରୀ ବେସରକାରୀ ଅନୁଷ୍ଠାନରେ ସକାଳ ୭ଟାରେ ସବୁଠି ପତାକା ଉତ୍ତୋଳନ କରାଯାଇଥିଲା । ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।

## ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

ଗୁଣପୁର,୨୭।୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ମିନିଷ୍ଟାଡିୟମଠାରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ଶନିବାର ପାଳିତ ହୋଇଯାଇଛି । ଏଥିରେ ଗୁଣପୁର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ । ପୂର୍ବାହ୍ନ ସାଢେ ୮ଟାରେ ମିନିଷ୍ଟାଡିୟମରେ ଉପଖଣ୍ଡସ୍ତରୀୟ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପରେଡରେ ୨୦ଟି ଗ୍ରୁପ ଅଂଶ ଗ୍ରହଣ କରିଥିଲେ । ସନ୍ଧ୍ୟାରେ ପ୍ରଥମଥର କରି ଚଇତି ମଣ୍ଡପରେ ସାଧାରଣତନ୍ତ୍ର ଦିବସ ଅବସରରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପ୍ରଖ୍ୟାତ କଣ୍ଠଶିଳ୍ପି ଅଭିଜିତ ମଜୁମଦାରଙ୍କ ସମେତ ପ୍ରଜ୍ଞା ହୋତା, ପ୍ରିୟାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହାକୁ ଶୋଭନା ମିଶ୍ର ସଂଯୋଜନା କରିଥିଲେ। ବିଧାୟକ ରଘୁନାଥ ଗମାଙ୍ଗ, ପିଡି ଡିଆରଡିଏ ଅମ୍ରିତ ରତୁରାଜ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା ସଭା କାର୍ଯ୍ୟ ସଂଯୋଜନା କରିଥିଲେ । ସ୍ଥାନୀୟ ଅଞ୍ଚଳର ଗାୟିକା ବିରାଜିନି ଶବରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଦେଶପ୍ରେମ କାହାଣୀକୁ ନେଇ ପ୍ରସ୍ତୁତ କ୍ଷୁଦ୍ର ଚଳଚ୍ଚିତ୍ର ଭିଡିଓ ସିଡିକୁ ଉନ୍ମୋଚନ କରାଯାଇଥିଲା । ଏସଡିପିଓ ରାଜକିଶୋର ଦାସ, ବିଡିଓ ଶାନ୍ତିପ୍ରଭା ପ୍ରଧାନ, ତହସିଲଦାର ନମ୍ରତା ମୋଦି, ଆଇଆଇସି ରଶ୍ମିରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ , ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ବିଧାୟକ, ପିଡି ଡିଆରଡିଏ, ଉପଜିଲାପାଳ ପ୍ରମୁଖ କଣ୍ଠଶିଳ୍ପି ମଜୁମଦାରଙ୍କ ଗୀତରେ ନୃତ୍ୟ କରିଥିଲେ ।



ବିଧାୟକଙ୍କ ସମେତ ଅନ୍ୟ ଅତିଥି ମାନେ ନୃତ୍ୟ କରୁଛନ୍ତି ।

■ ଶିଶୁଙ୍କୁ ଚେଙ୍କ ଘଟଣା

## ଶିଶୁଙ୍କୁ ଧରି ପରିବାର ଫେରାର

■ସାବତ ମା' ନାମରେ ମାମଲା ରୁଜୁ
■ବାପାଙ୍କ ଦରମା ବନ୍ଦ

ଗୁଣପୁର,୨୭।୧(ଡି.ଏନ.ଏ)

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ଉକୁମ୍ବା ଅଞ୍ଚଳରେ ଜଣେ ଶିଶୁଙ୍କୁ ତାଙ୍କ ସାବତ ମାଆ ଚେଙ୍କ ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଏନେଇ ପୋଲିସ ସାବତ ମା' ମହାନୁନ ସୋନାଙ୍କ ନାମରେ ମାମଲା ରୁଜୁ କରିଛି । ଏଏସ୍ଆଇ ସନ୍ତୋଷ ଦେଓ ଘଟଣାର ତଦନ୍ତ ଚଳାଇଥିଲେ ମଧ୍ୟ ଆଗକୁ ବଢି ପାରିନାହିଁ । କାରଣ ଶିଶୁକୁ ଧରି ପରିବାରବର୍ଗ କେଉଁଆଡେ ଫେରାର ହୋଇଯାଇଛନ୍ତି । ଏପରିକି ସୋମବାର ସିଡବ୍ଲୁସି ଟିମ୍ ଉକୁମ୍ବା ଗ୍ରାମକୁ ଯାଇ ନିରାଶ ହୋଇ ଫେରିଛନ୍ତି । ଅପରପକ୍ଷେ ଶିଶୁଙ୍କ ବାପା ସଞ୍ଜୀବ ସୋନା ଘଟଣାର ପରଦିନ କାର୍ଯ୍ୟରେ ଅନୁପସ୍ଥିତ ରହିବା ସହ ବିଳମ୍ବ ଯୋଗୁ ଆଇଆରବିଏନ ପକ୍ଷରୁ ଦରମା ବନ୍ଦ କରି ଦିଆଯାଇଛି । ସୂଚନାଯୋଗ୍ୟ ଯେ, ଉକୁମ୍ବା ଅଞ୍ଚଳର ସଞ୍ଜୀବ ସୋନା ପ୍ରଥମ ସ୍ତ୍ରୀଙ୍କଠାରୁ ବିବାହ ବିଚ୍ଛେଦ ହେବା ପରେ ଦ୍ୱିତୀୟ ବିବାହ କରିଥିଲେ । ପ୍ରଥମ ସ୍ତ୍ରୀଙ୍କ ପୁଅ ସୋହମ ବାପା ଓ ସାବତ ମା'ଙ୍କ ପାଖରେ ରହୁଥିଲେ। ଶୁକ୍ରବାର ରାତିରେ ସୋହମ ପ୍ୟାଣ୍ଟରେ ଝାଡ଼ା କରି ଦେଇଥିଲା। ଏଥିରେ ସାବତ ମା' ଉତ୍‌କ୍ଷିପ୍ତ ହୋଇ ସୋହମଙ୍କୁ ଚେଙ୍କ ଦେଇଥିଲେ। ବାପା ସଞ୍ଜୀବ ମଧ୍ୟ ସୋହମଙ୍କୁ ମାଡ଼ ମାରିଥିଲେ। ଶିଶୁ ଜଣଙ୍କ ଏପରି ନିର୍ଯାତନାର ଶୀକାର ହୋଇଥିବା ଜଣେ ବ୍ୟକ୍ତି ଜାଣିବା ପରେ ଘଟଣାକୁ ଲୋକଲୋଚନକୁ ଆଣିଥିଲେ । ଏହା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଗୁଣପୁର ଉପଜିଲାପାଳଙ୍କ ସମେତ ରାୟଗଡ଼ା ଶିଶୁ ସୁରକ୍ଷା ୟୁନିଟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

# ସାଧାରଣତନ୍ତ୍ର ଦିବସ ପାଳିତ



ଟିକିରିରେ ଛାତ୍ରୀଛାତ୍ରମାନେ ବିଭିନ୍ନ ବେଶରେ ସଜିତ ହୋଇଛନ୍ତି ।



ଥେରୁବାଲିରେ ଅତିଥି ପତାକା ଉତ୍ତୋଳନ କରୁଛନ୍ତି ।

କୋଲନରା/କଲ୍ୟାଣସିଂହପୁର/ଥେରୁବାଲି/ଟିକିରି/ଚନ୍ଦ୍ରପୁର/ପଦ୍ମପୁର/ବିଷମକଟକ,୨୭।୧(ଡ଼ି.ଏନ.ଏ)

ରାୟଗଡ଼ା ଜିଲା କୋଲନରା ବ୍ଲକର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏଥିରେ କୋଲନରା ପଞ୍ଚାୟତସମିତି ଅଧ୍ୟକ୍ଷା ଗୀତା କଣ୍ଡାଗରି ମୁଖ୍ୟ ଅତିଥି, ଉପାଧ୍ୟକ୍ଷ ତେରାଜ ନାଗ, ଜିଲା ପରିଷଦ ସଭ୍ୟ ଖ ଆଶୁତୋଷ କିଲ୍ଲାକା, ଏବିଡ଼ିଓ କେ.ଶିବ ଗୋପାଳ ରାଓ, କୋଲନରା ସରପଞ୍ଚ ମଞ୍ଜୁଲା ଉଲ୍ଲା, ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ନାଥ ମିଶ୍ର, ବିଇଓ ଏମ.ଖଗେଶ୍ୱର ରାଓ, ବଂଶୀଧର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି କଲ୍ୟାଣସିଂହପୁର ବ୍ଲକ ସଦର ମହକୁମାର ବ୍ଲକ କାର୍ଯ୍ୟାଳୟରେ ପାଳିତ ହୋଇଛି ସାଧାରଣତନ୍ତ୍ର ଦିବସ। ଏଠାରେ ବ୍ଲକ ଅଧ୍ୟକ୍ଷ ଯୋଗେନ୍ଦ୍ର ୱାଡ଼କା ପତାକା ଉତ୍ତୋଳନ କରିଥିଲେ । ବିଡ଼ିଓ ଅନୁପ ପଣ୍ଡା, ଏବିଡ଼ିଓ ଭଗବାନ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଥେରୁବାଲିସ୍ଥିତ ଇମ୍ଫା କାରଖାନା ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏଥିରେ ଇମ୍ଫା କାରଖାନାର ମହା ପ୍ରବନ୍ଧକ କେ.ଭି ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିବା ସହ ପରେଡ଼ରେ ଅଭିଭାଦନ ଗ୍ରହଣ କରିଥିଲେ । ଏଥିସହ ଥେରୁବାଲି ଚିନ୍ମୟ ବିଦ୍ୟାଳୟ ଓ ସରକାରୀ ଇମ୍ଫାଲ କ୍ୟାମ୍ପସରେ ମଧ୍ୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା । କାଶୀପୁର ବ୍ଲକର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଉତ୍କଳ ଆଲୁମିନାର ରାଜନ୍ଦ୍ର କୁମାର ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ବୃତ୍ତି ପରୀକ୍ଷାରେ ଉତ୍ତିର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା । ଚନ୍ଦ୍ରପୁର ବ୍ଲକର ବିଭିନ୍ନ ସ୍ଥାନରେ ପାଳିତ ହୋଇଛି ସାଧାରଣତନ୍ତ୍ର ଦିବସ । ଡ଼ାଙ୍ଗସୋରଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଧାନୁମାଝି କୁମୁରୁକା, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ମମତା ପ୍ରଧାନ, ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରଧାନଶକ୍ଷକ ଜୟଲାଲ ନାୟକ, କୃଷି ସୂଚନା ପରାମର୍ଶ କେନ୍ଦ୍ରରେ ସହକାରୀ କୃଷି ଅଧିକାରୀ ରାମଲାଲ ସାମାଡ଼, ବାଲକାକାଜୁ ପ୍ରାଥମିକ ବିଦ୍ୟାଳୟରେ ପ୍ରଦୀପ କୁମାର ସେଠୀ ପତାକା ଉତ୍ତୋଳନ କରିଥିଲେ । ସେହିପରି ପଦ୍ମପୁର ବ୍ଲକର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି । ପଦ୍ମପୁର ସରକାରୀ ବିଜୟାନନ୍ଦ ହାଇସ୍କୁଲ ପତାକା ଉତ୍ତୋଳନ କରିଥିଲେ ବିଡିଓ ଦୟାମୟ ପାଢ଼ୀ । ପଦ୍ମପୁର ଥାନା ସହ ଅଭ୍ୟାସ ଟେକ୍ନ ପବ୍ଲିକ୍ ସ୍କୁଲରେ ଥାନା ଆଇଆଇସି ସଞ୍ଜୟ କୁମାର ନାୟକ, ପଦ୍ମପୁର ମେଡିକାଲରେ ଡାକ୍ତର ସୌମ୍ୟରଞ୍ଜନ ପତି, ତ୍ରିବେଣୀ ସାଇନ୍ସ କଲେଜରେ ଡାକ୍ତର ଏମ୍. ମହାପାତ୍ର, ବସନ୍ତ ଦେବୀ ଶିକ୍ଷ ତାଲିମ କେନ୍ଦ୍ରରେ ଅଧ୍ୟକ୍ଷ ପ୍ରବୀଣ କୁମାର ନାୟକ, ଖିଲାମଣ୍ଡା ବାଳିକା ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭୀମ ନିମାଲ, ଆଇଡିଏଲ୍ ପବ୍ଲିକ୍ ସ୍କୁଲରେ ଅପରାଜିତା ହୋତା, ବହୁପଦର ଆଦର୍ଶ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ କୁନୀ କୁମାରୀ ଗୌଡ଼, ଆର୍ୟାନ୍ ସ୍କୁଲରେ ସ୍ୱର୍ଣ୍ଣମଞ୍ଜରୀ ଦାଶ,ଗୁଡ଼ିଆବନ୍ଧ ବସନ୍ତ ଦେବୀ ବିଦ୍ୟାପୀଠରେ ସରପଞ୍ଚ ବିଜୟ କ୍ରିଷ୍ଣା ଶବର ପତାକା ଉତ୍ତୋଳନ କରିଥିଲେ । ସେହିପରି ବିଷମକଟକସ୍ଥିତ ମା' ମାର୍କମା ମହାବିଦ୍ୟାଳୟ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ଶୁଭେନ୍ଦୁ ଜେନା ପତାକା ଉତ୍ତୋଳନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ଅଙ୍ଗନୱାଡି, ବିଦ୍ୟାଳୟ ପରିଦର୍ଶନ କଲେ ଅଧିକାରୀ

■ଝରଡ଼ି ପଞ୍ଚାୟତ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ



ଅଙ୍ଗନୱାଡି କର୍ମୀଙ୍କୁ ଗ୍ୟାସ୍ ପ୍ରଦାନ କରାଯାଉଛି ।

କୋଲନରା,୨୭।୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା କୋଲନରା ବ୍ଲକ ଝରଡି ପଞ୍ଚାୟତ ଅଫିସରେ ୫-ଟିରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ କରାଯାଇଛି। ୪୦ଟି ଏସ୍ଏଚ୍‌ଜିଙ୍କଠାରୁ ଇନ୍‌ସ୍ୟୁରାନ୍ସ ଫର୍ମ ସଂଗ୍ରହ କରାଯାଇଥିବାବେଳେ ମାଇକ୍ରୋ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍‌ରେ ୩ଟି ଗ୍ରୁପକୁ ଅବଗତ କରାଯାଇଛି। ୧୬୦ ଜଣ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପଲିଥିନ ବ୍ୟବହାର ନ କରିବା, ପାଇଖାନା ବ୍ୟବହାର କରିବା ଓ ବାଲ୍ୟ ବିବାହ ରୋକିବା ପାଇଁ ସମସ୍ତେ ଶପଥ ନେଇଥିଲେ। ପରେ ଅଧିକାରୀମାନେ ୨ଟି ଅଙ୍ଗନୱାଡି କେନ୍ଦ୍ର ଓ ୨ଟି ବିଦ୍ୟାଳୟ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ କୋଲନରା ବିଡିଓ ତାପସ ଭୋଇ, ତହସିଲଦାର ମାନସୀ ନାୟକ, ଏବିଡିଓ କେ. ଶିବ ଗୋପାଳ ରାଓ, ବ୍ଲକ ଅଧକ୍ଷା ଗୀତା କଣ୍ଡାଗରୀ, ସରପଞ୍ଚ ଲକ୍ଷ୍ମୀ କୁମ୍ବିରିକା, ସିଡିପିଓ ଜି. ଗିରିଜା, ବିଇଓ ଏମ୍. ଖଗେଶ୍ୱର ରାଓ, ସହକାରୀ କୃଷି ଅଧିକାରୀ (ଥେରୁବାଲି) ରବି ନାରାୟଣ ମେହେର, ଏମ୍.ଆଇ. ସତ୍ୟନାରାୟଣ ଭୋଇ, ବିଏସ୍ଏସ୍‌ଓ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ଏମ୍.ଏଚ୍.ୟୁ. ଡା. ଜ୍ୟୋସ୍ନାମୟୀ ରାଉତ, ରାଜସ୍ୱ ନିରୀକ୍ଷକ ନମିତା ରାଣୀ ଗମାଙ୍ଗ, ଆର୍‌ଡବ୍ଲ୍ୟୁଏସ୍ଏସ୍ ଜେଇ ଭି.ସୁବାସ କୁମାର ରଥ, ଭିଏଡବ୍ଲ୍ୟୁ, ଗ୍ରାମ୍ୟ କୃଷି କର୍ମଚାରୀ ସୀମାଞ୍ଚଳ ସାହୁ, ଓଏଲଏମ୍ ବିପିଏମ୍ ଟୁନା ଖଟେଇ ଯୋଗଦେଇଥିଲେ।

## ୫୬ ଅଭିଯୋଗର ଶୁଣାଣି କଲେ ଜିଲାପାଳ

ଗୁଣପୁର,୨୭।୧(ଡି.ଏନ୍.ଏ.): ରାୟଗଡା ଜିଲାପାଳ ପ୍ରମୋଦ କୁମାର ବେହେରା ସୋମବାର ଗୁଣପୁର ଉପଜିଲାପାଳଙ୍କ ସଦ୍‌ଭାବନା ଗୃହରେ ୫୬ଟି ଅଭିଯୋଗ ଶୁଣାଣି କରିଛନ୍ତି। ଗୁଣପୁର ଉପଖଣ୍ଡରେ ଡାକ୍ତର ଅଭାବ, ଜଗନ୍ନାଥପୁର ସ୍କୁଲର ଜନୈକ ଛାତ୍ରଙ୍କ ହାତର ବୁଢା ଆଙ୍ଗୁଠି ନ ଥିବାରୁ ଆଧାରକାର୍ଡ ହୋଇ ପାରୁ ନ ଥିବା, ଘନାନ୍ତ୍ରୀରେ ରାସ୍ତା ନିର୍ମାଣ ନେଇ ଲୋକେ ଅଭିଯୋଗ କରିଥିଲେ। କତାଲୁଗୁଡା ଗାଁରେ ହେବାକୁ ଥିବା ଡମ୍ପିଂୟାର୍ଡକୁ ଗ୍ରାମବାସୀ ବିରୋଧ କରି ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜଣେ ହିତାଧିକାରୀଙ୍କୁ ରେଡକ୍ରସ ପକ୍ଷରୁ ୨ହଜାର ଟଙ୍କା ସହାୟତା, ଏସଏଚ୍‌ଜି ସଂଘ ଗଠନ କରି ବ୍ୟବସାୟ କରିବାକୁ କିନ୍ନରମାନଙ୍କୁ ୫୦ ହଜାର ଟଙ୍କା ଦିଆଯାଇଥିଲା। ସେହିଭଳି ୬ଜଣଙ୍କୁ ପେନ୍‌ଶନ ଓ ୪ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ୍‌ଚେୟାର ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଡ. ସର୍ବଣା ବିବେକ ଏମ୍, ପିଡି ଡିଆରଡିଏ ଅମ୍ରିତ ରତୁରାଜ, ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ପ୍ରମୁଖ ଉପସ୍ଥିତଥିଲେ।

## ବଂଶଧାରା ବସନ୍ତ ମହୋତ୍ସବ ନେଇ ମିନି ମାରାଥନ



ମିନି ମାରାଥନକୁ ଅତିଥି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

ଗୁଣପୁର,୨୭।୧(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁରରେ ବଂଶଧାର ବସନ୍ତ ମହୋତ୍ସବ ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ସୋମବାର ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ସୋମବାର ସକାଳେ ବାଳକ, ବାଳିକା ଏବଂ ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ମିନି ମାରାଥାନ ଗୁଣପୁର କଲେଜରୁ ଆରମ୍ଭ ହୋଇ ଉତ୍ସବ ପଡିଆ ପର୍ଯ୍ୟନ୍ତ ଯାଇଥିଲା। ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟ ଅତିଥିଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ବାଳିକା ବର୍ଗରେ ତପସ୍ୱିନୀ ଶବର, ମନିଶା ମଣ୍ଡଳ, ମାହେଶ୍ୱରୀ ଶବର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ବାଳକ ବର୍ଗରେ ପ୍ରଶାନ୍ତ ମନହିରା ପ୍ରଥମ, ଯୁବରାଜ ଲାକରା ଦ୍ୱିତୀୟ ଏବଂ ଟୁଟୁ ଶବର ତୃତୀୟ ହୋଇଥିଲେ। ବରିଷ୍ଠ ବର୍ଗରେ ଦେବୀ କିଙ୍କର ମିଶ୍ର ପ୍ରଥମ ହୋଇଥିଲେ। ସୋମବାର ସନ୍ଧ୍ୟାରେ ଏକ ଆଧାତ୍ମିକ କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମକୁ ପ୍ରଫେସର ଡ.ସତ୍ୟ ନାରାୟଣ ରଥ, ବରିଷ୍ଠ ନାଗରିକ କୃଷ୍ଣ ପ୍ରସାଦ ବେବର୍ତ୍ତା, ଜିଲା ଖାଉଟି ଅଦାଲତ ପୂର୍ବତନ ସଭାପତି ପ୍ରଦୀପ ଦାସ ଉଦ୍‌ଘାଟନ କରିଥିଲେ। ନଳିନି ମହାନ୍ତି ବେଦ ପାଠ କରିଥିଲେ। ପ୍ରଥମେ ବଂଶଧାରା ନଦୀରୁ ଗଙ୍ଗା ଆବାହନ କରାଯାଇ ଏକ କଳଶ ଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ତ୍ରିପତି ମହାନ୍ତି, ପ୍ରକାଶ ରଥ ପ୍ରମୁଖ ପୂଜକ ଭାବେ ଉପସ୍ଥିତ ଥିଲେ। ପୁରୀର କଥାକାର ନିର୍ମଳା ଫଟେସିଂ ପ୍ରବଚନ ଦେଇଥିଲେ। ଶର୍ମିଳା ସାମନ୍ତରାୟ, ଆର୍ତ୍ତତ୍ରାଣ ମହାପାତ୍ରଙ୍କ ସମେତ ଅନ୍ୟ କେତେକ କଳାକାର ଭଜନ ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବୀ କିଙ୍କର ମିଶ୍ର, ନବ ନିର୍ମାଣ ସମିତି ଅଧ୍ୟକ୍ଷ ଅକ୍ଷୟ ଦାସ, ୱାଇ. ଗଣପତି ପ୍ରମୁଖ ଉପସ୍ଥିତ ଥିଲେ।





ପାରଳାଖେମୁଣ୍ଡି, ରାୟଗଡ (ଗଜପତି), କାଶୀନଗରରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ।

# ଗଣତନ୍ତ୍ର ଦିବସରେ ସବୁଠି ଉଡ଼ିଲା ତ୍ରିରଙ୍ଗା

**ପାରଳାଖେମୁଣ୍ଡି/କାଶୀନଗର/ରାୟଗଡ଼(ଗଜପତି), ୨୭ା୧(ସ୍ୱ.ପ୍ର./ଡି.ଏନ୍.ଏ.)**

ଗଜପତି ଜିଲାର ବିଭିନ୍ନ ସ୍ଥାନରେ ରବିବାର ୭୧ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବଜାର ଓ ଛକରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ଜିଲା ସଦର ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମ୍‌ରେ ରବିବାର ୭୧ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳୀତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ଉପଲକ୍ଷେ ମନ୍ତ୍ରୀ ଦିଆନ ଉଦ୍‌ବୋଧନ ଦେଇ ସାଧାରଣତନ୍ତ୍ର ଦିବସ ପାଳନର ଉଦ୍ଦେଶ୍ୟ ପ୍ରକାଶ କରିବା ସହ ଦିନଟି ଦେଶ ଓ ଜାତିପାଇଁ ଗୌରବର ଦିବସ ବୋଲି କହିଥିଲେ । ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତି ସେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମନେ ପକାଇଥିଲେ । ସେହିପରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ସ୍ମୃତିଚାରଣ ମଧ୍ୟ କରିଥିଲେ । ପରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ଶାରୀରିକ କ୍ରୀଡ଼ା କୌଶଳ ପ୍ରଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପ୍ୟାରେଡ୍ କାର୍ଯ୍ୟକ୍ରମରେ ୨୪ଟି ପ୍ୟାରେଡ୍ ଦଳ ଭାଗ ନେଇଥିବାବେଳେ ବିଭିନ୍ନ ବିଭାଗ ପକ୍ଷରୁ ୧୧ ଆକର୍ଷଣୀୟ ପ୍ରଜ୍ଞାପନ ମେଢ଼ ସାମିଲ୍ ହୋଇଥିଲା । ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଅନୁପମ ଶାହା, ଏସ୍‌ପି ସାରା ଶର୍ମାଙ୍କ ସମେତ ବହୁ ମାଣ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ । ପ୍ୟାରେଡ କାର୍ଯ୍ୟକ୍ରମକୁ ରିଜର୍ଭ ଇନ୍ସପେକ୍ଟର ଡମ୍ବରୁଧର ହନାଗା ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ଏବଂ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସେହିପରି ଜିଲା ଉପକାରାଗାର, ଜିଲା ଡାକ୍ତରଖାନା, କୃଷ୍ଠାଶ୍ରମରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ମିଷ୍ଟାନ୍ନ ଏବଂ ଫଳ ଦିଆଯାଇଥିଲା ।

ଜିଲାର କାଶୀନଗରଠାରେ ମଧ୍ୟ ଜନରାଜ୍ୟ ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ବ୍ଲକ୍ କାର୍ଯ୍ୟାଳୟରେ ବିଡିଓ ରାଜେନ୍ଦ୍ର ପ୍ରସାଦ ପଣ୍ଡା ଓ ତହସିଲ୍ କାର୍ଯ୍ୟାଳୟରେ ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର ପତାକା ଉତ୍ତୋଳନ କରିଥିଲେ । ସେହିପରି ଶ୍ରୀରାମ ଡିଗ୍ରୀ କଲେଜରେ ପ୍ରଶାନ୍ତ କୁମାର ବାନାପଲ୍, ଜୁନିୟର କଲେଜରେ ନବକୃଷ୍ଣ ସାହୁକାର, ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରାଧାଶ୍ୟାମ ସାହୁ ପତାକା ଉତ୍ତୋଳନ କରିଥିଲେ । ସେହିଭଳି ବାଳିକା ବିଦ୍ୟାଳୟରେ ସଭାପତି ହୃଷୀକେଶ ଗୌଡ଼, ବଂଶଧାରା ପାଠାଗାରରେ ସାମାଜିକ କର୍ମୀ କେ. ଭୀମାରାଓ, କାଶୀନଗର ଏନ୍‌ଏସିରେ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପଣ୍ଡା, କାଶୀନଗର ଥାନାରେ ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର ପତାକା ଉତ୍ତୋଳନ କରିଥିଲେ ।

ସେହିପରି ଗଜପତି ଜିଲାର ରାୟଗଡ଼ଠାରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଗଣତନ୍ତ୍ର ଦିବସ ପାଳନ କରାଯାଇଥିଲା । ବ୍ଲକ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଉପାଧ୍ୟକ୍ଷ ଟି. ଈଶ୍ୱରୀ ଯୋଗ ଦେଇଥିବାବେଳେ ବିଡିଓ ଲୁକାଶ ପ୍ରଧାନ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏଥିରେ ସମସ୍ତ ବିଭାଗୀୟ କର୍ମଚାରୀ ଛାତ୍ରୀଛାତ୍ର ଓ ଜନସାଧାରଣ ଉପସ୍ଥିତ ଥିଲେ । ସେହିପରି ତହସିଲ୍ କାର୍ଯ୍ୟାଳୟ, ଆର୍‌ଆଇ କାର୍ଯ୍ୟାଳୟ ଓ ସରସ୍ୱତୀ ଶିଶି ବିଦ୍ୟାମନ୍ଦିରରେ ତହସିଲ୍‌ଦାର ଚିତ୍ତରଞ୍ଜନ ଦାସ, ଏସ୍‌ଏସ୍‌ଡି ହାଇସ୍କୁଲରେ ପୂର୍ଣ୍ଣଚନ୍ଦ୍ର ମାଡଡ଼ି, ସରକାରୀ ଉଚ୍ଚ ବିଦ୍ୟାଳୟରେ ଏସ୍. ମଣିମାଳା, ପର୍ଶୁରାମ ଗୁରୁକୁଳରେ ସମ୍ପାଦକ ବାଳକୃଷ୍ଣ ବାଣ୍ଟୁଆ ରାୟ, ରାୟଗଡ଼ ଥାନାରେ ଭାରପ୍ରାପ୍ତ ଅଧିକାରୀ ଚନ୍ଦ୍ରକାନ୍ତ ପ୍ରଧାନ ପତାକା ଉତ୍ତୋଳନ କରିଥିଲେ ।

## ସଂକ୍ଷେପରେ

### ହାଇ ଭୋଲ୍‌ଟେଜ: ପୋଡ଼ିଗଲା ୩୦ ଟିଭି, ଲାଇଟ୍

ରାୟଗଡ଼(ଗଜପତି), ୨୭ା୧ (ଡି.ଏନ୍.ଏ.)-ଗଜପତି ଜିଲା ରାୟଗଡ଼ସ୍ଥିତ ମଝିସାହି ଓ ବିଷୋୟୀ ସାହିରେ ରବିବାର ରାତିରେ ହାଇ ଭୋଲ୍‌ଟେଜ୍(୪୪୦ ଭୋଲ୍‌ଟ୍)ଯୋଗୁ ୩୦ ଟିଭି ଓ ଲାଇଟ୍ ପୋଡ଼ି ନଷ୍ଟ ହୋଇଛି । ପ୍ରକାଶ ଯେ, କିଛି ଦିନ ତଳେ ନୂତନଭାବେ ବିଦ୍ୟୁତ୍ ତାର ସଂଯୋଗ କରାଯାଇଥିଲା । ତାର ଗୁଡ଼ିକ ଠିକ୍‌ଭାବେ ଟଣା ନ ଯାଇ ଝୁଲି ରହିଛି । ସେହିପରି ମୁଖ୍ୟବଜାରରେ କେବଲ୍ କ୍ରସିଂ ଯୋଗୁ ଟ୍ରକ୍, ବସ୍ ଯାତାୟାତ ସମୟରେ ଉକ୍ତ କେବଲ୍‌କୁ ବାଜୁଛି । ଯଦ୍ୱାରା ଡବଲ୍ ଫେଜ୍‌ରେ ୨ ସାହିର ୩୦ରୁ ଉର୍ଦ୍ଧ୍ୱ ଟିଭି, ଟ୍ୟୁବ୍‌ଲାଇଟ୍, ବଲ୍‌ବ୍ ପୋଡ଼ି ନଷ୍ଟ ହୋଇଥିବା ଜଣାପଡ଼ିଛି । ତାର ଗୁଡ଼ିକ ଦୀର୍ଘ ଦିନ ଧରି ଏପରି ବିପଦପୂର୍ଣ୍ଣଭାବେ ରହିଥିବାବେଳେ ରବିବାର ରାତିରେ ଏପରି ଘଟଣା ଯୋଗୁ ସାହି ବାସିନ୍ଦାଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । ତେଣୁ ଏହାର ସମାଧାନ ପାଇଁ ଦାବି କରିଛନ୍ତି । ତେବେ ଏଥିପ୍ରତି ଧ୍ୟାନ ଦେଇ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କନିଷ୍ଠ ଯନ୍ତ୍ରୀ ଦେବବ୍ରତ ସାହୁ ପ୍ରତିଶ୍ରୁତି ଦେଇଛନ୍ତି ।

### ପାରଳାଖେମୁଣ୍ଡିରେ ସ୍ୱାମୀ ମୁକୁନ୍ଦାନନ୍ଦଜୀ



**ପାରଳାଖେମୁଣ୍ଡି,୨୭ା୧(ସ୍ୱ.ପ୍ର.) -** ଯୋଗ ଓ ଧର୍ମ ଗୁରୁ ସ୍ୱାମୀ ମୁକୁନ୍ଦାନନ୍ଦଜୀ ରବିବାର ପାରଳାଖେମୁଣ୍ଡି ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ସ୍ଥାନୀୟ ହାଇସ୍କୁଲ ଛକରେ ପହଞ୍ଚିବା ପରେ ଶ୍ରଦ୍ଧାଳୁମାନେ ତାଙ୍କୁ ପାଛୋଟି ନେଇଥିଲେ । ସେଠାରୁ ସେ ସ୍ଥାନୀୟ ସତ୍ୟସାଇ ବିଦ୍ୟାମନ୍ଦିର ଏବଂ ପରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିଦର୍ଶନରେ ଯାଇଥିଲେ । ପରେ ଶ୍ୟାମା ଶ୍ୟାମ ବିହାରସ୍ଥିତ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସେହିପରି ପାରଳାଖେମୁଣ୍ଡି ରାଜପ୍ରସାଦ ଯାଇ ଯୁବରାଣୀଙ୍କୁ ଭେଟିଥିଲେ । ଏହାପରେ ଦେଓ ସାହି ଦେବୀ ମଠ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସେଠାରେ ସାଧ୍ୱୀ ଅନୀତା ଦେବୀ କୀର୍ତ୍ତନ ସହ ସ୍ୱାଗତ କରିଥିଲେ । ଏହି ଅବସରରେ ଦେବୀ ମଠ ପରିସରରେ ଏକ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ । ସେହିସପରି ସନ୍ଧ୍ୟାରେ ସେ ପ୍ରବଚନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ପ୍ରତ୍ୟେକ ନାଗରିକ ମୌଳିକ କର୍ତ୍ତବ୍ୟ ଜାଣିବା ଆବଶ୍ୟକ

**ପାରଳାଖେମୁଣ୍ଡି,୨୭ା୧(ସ୍ୱ.ପ୍ର.)**




ସଚେତନତା ଶିବିରରେ ଉପସ୍ଥିତ ଜିଲା ଦୌରାଜଜ୍ ଓ ଅନ୍ୟମାନେ ।

ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପାରଳାଖେମୁଣ୍ଡିସ୍ଥିତ ଜିଲା କୋର୍ଟ ପରିସରରେ ପ୍ରତ୍ୟେକ ନାଗରିକଙ୍କ ମୌଳିକ କର୍ତ୍ତବ୍ୟକୁ ନେଇ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ରାଜ୍ୟ ଆଇନସେବା ପ୍ରାଧିକରଣର ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ବିଶ୍ୱଜିତ ଦାସ ଯୋଗଦେଇ ସମ୍ବିଧାନରେ ରହିଥିବା ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥିଭାବେ ଡିଏଲ୍‌ଏସ୍‌ଏର ସମ୍ପାଦିକା ଦୀପା ଦାସ, ବରିଷ୍ଠ ଦେୱାନୀ ଅଧିକାରୀ ବ୍ୟୋମକେଶ ନାୟକ ଯୋଗଦେଇ ନାଗରିକମାନଙ୍କର ମୌଳିକ କର୍ତ୍ତବ୍ୟ ବିଷୟରେ କହିବା ସହ ସମସ୍ତେ ସେ ବିଷୟରେ ଅବଗତ ହେବା ଆବଶ୍ୟକ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରେଜିଷ୍ଟ୍ରାର ଶୁଭଶ୍ରୀ ପ୍ରଧାନ, ଏସ୍‌ଡିଜେଏମ୍ ଚନ୍ଦ୍ରହାସ ବେହେରା, ଜେଏମ୍‌ଏଫ୍‌ସି ଅଙ୍କିତା ଗୁରୁ, ବନୀଳ କୁମାର ଖଟେଇ, ବାର୍ ଆସୋସିଏସନ୍‌ର ସଭାପତି ରାମନାଥ ମିଶ୍ର ଉପସ୍ଥିତ ରହି ମୌଳିକ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ କୋର୍ଟର କର୍ମଚାରୀ, ଆଇନଜୀବୀ ଓ ପାରାଲିଗାଲ୍ ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ ।

## ବ୍ଲକ୍ ସ୍ତରୀୟ ନିଶ୍ଚିତ କର୍ମ ନିଯୁକ୍ତି ଶିବିର

**କାଶୀନଗର,୨୭ା୧(ଡି.ଏନ୍.ଏ.):** କ୍ୟାପ୍‌ଷ୍ଟନ୍ ଫାସିଲିଟି ମ୍ୟାନେଜ୍‌ମେଣ୍ଟ ଲିମିଟେଡ୍ ପକ୍ଷରୁ କାଶୀନଗର ପଞ୍ଚାୟତ ସମିତି ଜରିଆରେ ସିକ୍ୟୁରିଟି ଗାର୍ଡ ଓ ସୁପରଭାଇଜର୍ ପଦବୀ ପାଇଁ ପ୍ରାର୍ଥୀ ମନୋନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିପିଇଓ ପଦ୍ମନାଭ ବେହେରାଙ୍କ ନେତୃତ୍ୱରେ କ୍ୟାପ୍‌ଷ୍ଟନ୍ ପକ୍ଷରୁ ଆସିଥିବା ବିଘ୍ନରାଜ ମହାନ୍ତି ଓ ସହକର୍ମୀ ପ୍ରାର୍ଥୀ ମନୋନୟନ କାର୍ଯ୍ୟରେ ସହଯୋଗ କରିଥିଲେ । ଏଠାରେ ୨୫ ପ୍ରାର୍ଥୀଙ୍କ ମଧ୍ୟରୁ ୧୬ ଜଣଙ୍କୁ ସିକ୍ୟୁରିଟି ଗାର୍ଡ ପଦବୀ ପାଇଁ ଚୟନ କରାଯାଇଥିବାବେଳେ ସୁପରଭାଇଜର୍ ପଦବୀ ପାଇଁ କେହି ଚୟନ ହୋଇ ନ ଥିବା ଜଣାପଡ଼ିଛି । ଚୟନ ହୋଇଥିବା ସିକ୍ୟୁରିଟି ଗାର୍ଡ ପ୍ରାର୍ଥୀଙ୍କୁ ହାଇଦ୍ରାବାଦରେ ତାଲିମ ପରେ ବିଭିନ୍ନ ସ୍ଥାନରେ ସ୍ଥାୟୀ କର୍ମଚାରୀଭାବେ ନିଯୁକ୍ତି ଦିଆଯିବ ବୋଲି ମହାନ୍ତି ସୂଚନା ଦେଇଛନ୍ତି ।

## ରାଜ୍ୟ ପୁରସ୍କାର ପାଇଁ ଚୟନ ଶିବିର

**ପାରଳାଖେମୁଣ୍ଡି,୨୭ା୧(ସ୍ୱ.ପ୍ର.)**

ଗଜପତି ଜିଲା ସ୍କାଉଟ୍ ଓ ଗାଇଡ୍ ପକ୍ଷରୁ ପାରଳାଖେମୁଣ୍ଡିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୫ମ ରାଜ୍ୟ ପୁରସ୍କାର ପାଇଁ ଚୟନ ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିର ୩ ଦିନ ଧରି ଚାଲିବ । ଡିଇଓ ପ୍ରଦୀପ କୁମାର ନାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଗୋଷାଣୀ ବିଇଓ ଠାକୁର ପ୍ରସାଦ ସିଂ ଉଦ୍‌ଘାଟନ କରିଥିଲେ । ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ୬୨ ସ୍କାଉଟ୍ ଏବଂ ୨୫ ଗାଇଡ୍ ଯୋଗଦେଇଥିବା ଜଣାପଡ଼ିଛି । ଏଥିରେ ମୁଖ୍ୟତଃ ଛାତ୍ରୀଛାତ୍ରଙ୍କୁ ସେବା ପରିବେଶ ସୁରକ୍ଷା, ଆତ୍ମରକ୍ଷା, ଦିଗ ନର୍ଣ୍ଣୟ ଯନ୍ତ୍ରର ବ୍ୟବହାର ଆଦି ବିଷୟରେ ତାଲିମ ଦିଆଯାଇଥିଲା । ସେହିପରି ପିଲାମାନେ ସାମାଜିକ ସ୍ତରରେ କିପରି ଶୃଙ୍ଖଳିତ ହେବେ ସେ ବିଷୟରେ ବୁଝାଇଥିଲେ । କାର୍ଯ୍ୟକ୍ରମରେ ନୃସିଂହ ଦୋରା, ସଞ୍ଜୟ ପାତ୍ର, ସୁରେନ୍ଦ୍ର ପାତ୍ର, ଏସ୍.ମଣିମାଳା, ପ୍ରଫୁଲ୍ଲ ମହାନ୍ତି, ପ୍ରିୟଦର୍ଶୀ ମିଶ୍ର, ତ୍ରିପତି ପଣ୍ଡା, ରେଖାରାଣୀ ଦେଓ ଯୋଗ ଦେଇଥିବାବେଳେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡା ସହଯୋଗ କରିଥିଲେ । ଏଥିରେ ରାଜ୍ୟସ୍ତରୀୟ କାର୍ଯ୍ୟାଳୟରୁ ପରୀକ୍ଷକଭାବେ ସନ୍ତୋଷ ଦେଓ ଯୋଗଦେଇ ପରୀକ୍ଷା ପରିଚାଳନା କରିଥିଲେ ।



ଚୟନ ଶିବିରରେ ଡିଇଓ, ସ୍କାଉଟ ଗାଇଡ ଅଧିକାରୀ ଓ ଛାତ୍ରୀଛାତ୍ର ।

## ନବଗ୍ରହ ମନ୍ଦିର, ଶିଳା ପ୍ରତିମା ପ୍ରତିଷ୍ଠା

**ରାୟଗଡ଼(ଗଜପତି), ୨୭ା୧(ଡି.ଏନ୍.ଏ.)–** ରାୟଗଡ଼ଠାରେ ୨ ଦିନ ଧରି ନବଗ୍ରହ ମନ୍ଦିର ଓ ଶିଳା ପ୍ରତିମା ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶ୍ରୀକାକୁଲମ୍ ଜିଲା ପୁରୁଣାପାଟଣା ଗ୍ରାମର ପଣ୍ଡିତ ଜି. ସନ୍ତୋଷ କୁମାର ଆଚାର୍ଯ୍ୟଙ୍କ ପୌରହିତ୍ୟରେ ପ୍ରତିଷ୍ଠା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏଠାରେ ଘୃତଯଜ୍ଞ, ଜ୍ଞାନଯଜ୍ଞ, ଅନ୍ନଯଜ୍ଞ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରତିଷ୍ଠା କାର୍ଯ୍ୟରେ କର୍ତ୍ତାଭାବେ ବି. କ୍ରିଷ୍ଣାରାଓ ଆଚାରୀ, ଭୂଲକ୍ଷ୍ମୀ ଆଚାରୀ କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲେ ।

## କୋରାପୁଟ ଖବର

### ଅବସରପ୍ରାପ୍ତ ସଂଘ ସ୍ଥାୟୀ କାର୍ଯ୍ୟାଳୟ ପାଇଁ ଶୁଭ ଦେଲେ ବିଧାୟକ

**ପଟ୍ଟାଙ୍ଗି,୨୭ା୧(ଡି.ଏନ୍.ଏ.)**

ପଟ୍ଟାଙ୍ଗିସ୍ଥିତ ଗାଙ୍ଗମା’ ମନ୍ଦିର ପାଖ ଜଳ ଓ ପରିମଳ କାର୍ଯ୍ୟାଳୟ ନିକଟରେ ଥିବା ସରକାରୀ ଜମିରେ ସ୍ଥାନୀୟ ସରକାରୀ ଅବସରପ୍ରାପ୍ତ କର୍ମଚାରୀଙ୍କ ସ୍ଥାୟୀ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବିଧାୟକ ପ୍ରୀତମ ପାଢ଼ୀ । ଏଥିରେ ପୂର୍ବତନ ବିଧାୟିକା ଚନ୍ଦ୍ରମା ସାନ୍ତା, ଜିଲା ପରିଷଦ ସଭ୍ୟ ଲଇଚନ ଖରା, ସଂଘ ସଭାପତି ମୋହନ ବାଙ୍କା ଉପସ୍ଥିତ ଥିଲେ । ଉଲ୍ଲେଖଯୋଗ୍ୟ, ଉକ୍ତ ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ସ୍ଥାୟୀ କାର୍ଯ୍ୟାଳୟ ନ ଥିବାରୁ ପ୍ରତି ମାସରେ ବିଭିନ୍ନ ସଦସ୍ୟଙ୍କ ବାସଭବନରେ ବୈଠକ କରୁଥିଲେ । ବିଭିନ୍ନ କ୍ଷେତ୍ରରୁ ସଂଘକୁ ଆସୁଥିବା ଅତିଥିଙ୍କୁ ମଧ୍ୟ ବସିବା ପାଇଁ ଖଣ୍ଡିଏ ସ୍ଥାନ ଦେଇ ପାରୁ ନଥିଲେ । ସଂଘ ପକ୍ଷରୁ ଦଶ ବର୍ଷ ହେଲା ସ୍ଥାୟୀ କାର୍ଯ୍ୟାଳୟ ପାଇଁ ଉଦ୍ୟମ ଚାଲିଥିଲା । ସଂଘ ସଦସ୍ୟମାନେ ବିଧାୟକ ପାଢ଼ୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସେ ନିଜସ୍ୱ ପାଣ୍ଠିରୁ ଅନୁଦାନ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସଂଘ ସମ୍ପାଦକ ପଦ୍ମ ଚରଣ ସାହୁ, ସୁବାସ ଚନ୍ଦ୍ର ଦାଶ, ପ୍ରତାପ ପରିଡ଼ା, ଆନନ୍ଦ ବାଙ୍କା, ଗେମେଲ ଆପାନା, ନାରାୟଣ ମଲ୍ଲିକ, ଚଇତନ ପଟସଲି ଉପସ୍ଥିତ ଥିଲେ ।



ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ପଟ୍ଟାଙ୍ଗୀ ବିଧାୟକଙ୍କ ସହ ଅନ୍ୟମାନେ ।

### ଉତ୍କଳ କରାଟେକାଙ୍କୁ ୮ ପଦକ

#### ପ୍ରଥମ ଇଷ୍ଟ ଜୋନ କରାଟେ ପ୍ରତିଯୋଗିତା

**ସେମିଳିଗୁଡ଼ା,୨୭ା୧(ସ୍ୱ.ପ୍ର.)**

କରାଟେ ଆସୋସିଏଶନ ଅଫ ଇଣ୍ଡିଆର ସ୍ୱୀକୃତି ପାଇ ଓଡ଼ିଶା ରାଜ୍ୟ କରାଟେ ସଂଘ ପ୍ରଥମ ଇଷ୍ଟ ଜୋନ କରାଟେ ପ୍ରତିଯୋଗିତା ଚଳିତ ମାସ ୨୪ ଓ ୨୫ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ଅନୁଷ୍ଠିତ ହୋଇଛି । ଏଥିରେ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଓ ଆଣ୍ଡାମାନ ନିକୋବରର ୪୫୦ରୁ ଅଧିକ କରାଟେ ଚାମ୍ପିୟନ ଅଂଶଗ୍ରହଣ କରିଥିଲେ । ସେମିଳିଗୁଡ଼ାସ୍ଥିତ ଉତ୍କଳ କରାଟେ ସ୍କୁଲରୁ ଆୟୁଷୀ ଅର୍ପିତା, ହର୍ଷଦ କୁମାର, ହିତେଶ ପୋଦାର, ଶୁଭମ ନାୟକ, ଦୀନେଶ ବରାଡ଼, ସଚିନ ବିଶ୍ୱକର୍ମା, ଶ୍ରୁତିରାଣୀ ବିଷୋୟୀ, ଦୀପ୍ତି ନାମଦେବ ଓ ଅଦିତି ପାଣିଗ୍ରାହୀ ସେଥିରେ ଅଂଶଗ୍ରହଣ କରି ୨ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ, ୫ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଜିତିଥିବା କରାଟେକା ଆସନ୍ତା ଜୋନାଲସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ବୋଲି କୋଚ ରାଜେନ୍ଦ୍ର ସାମଲ କହିଛନ୍ତି । ସ୍କୁଲର ମହେଶ ବରାଳ, ସମ୍ପାଦକ ମନୋଜ ପଟ୍ଟନାୟକ ଓ ଉପଦେଷ୍ଟା ଭଗବାନ ଦୋରା ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।



ପଦକ ସହ କୃତୀ କରାଟେକାମାନେ ।

# ଅସ୍ୱାସ୍ଥ୍ୟକର ପରିବେଶରେ ଦୈନିକ ବଜାର

**କାଶୀନଗର,୨୭ା୧(ଡି.ଏନ.ଏ.)**

- ବ୍ୟବସାୟୀଙ୍କ ପାଇଁ ନିର୍ମାଣ ରୁମ୍‌ରେ ଶୋଉଛନ୍ତି ଘୁଷୁରି
- ବଜାର ପାଲଟିଛି କୁକୁର, ଘୁଷୁରିଙ୍କ ଆଡ୍ଡାସ୍ଥଳୀ

ଗଜପତି ଜିଲା କାଶୀନଗର ବସଷ୍ଟାଣ୍ଡ ନିକଟ ବଜାର ଆବର୍ଜନାପୂର୍ଣ୍ଣ ଓ ଅସ୍ୱାସ୍ଥ୍ୟକର ପରିବେଶରେ ରହିଛି । ବଜାରରେ ପ୍ରତ୍ୟେକ ଦିନ ପନିପରିବା ଏବଂ ଆମିଷ ବିକ୍ରି ହେଉଛି । ହେଲେ ସଫେଇ ପ୍ରତି ଏନ୍‌ଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ଏଠାକୁ ଆସୁଥିବା ଗ୍ରାହକ ଅଭିଯୋଗ କରୁଛନ୍ତି । ଅନ୍ୟପକ୍ଷରେ ନର୍ଦ୍ଦମା ଓ କୁଢ଼ କୁଢ଼ ଆବର୍ଜନା ଯୋଗୁ ବଜାର ଏବଂ ଏହା ନିକଟ ଅଞ୍ଚଳ କୁକୁର ଓ ଘୁଷୁରିଙ୍କ ଆଡ୍ଡାସ୍ଥଳୀ ପାଲଟିଛି ।

ଉଲ୍ଲେଖନୀୟ ବିଷୟ ହେଲା ମୁରଲିଧର ଚନ୍ଦ୍ରକାନ୍ତ ଭଣ୍ଡାରେ ଓଡ଼ିଶାର ରାଜ୍ୟପାଳ ଥିବା ସମୟରେ କାଶୀନଗର ଆସି ଏହି ବଜାର ଅଞ୍ଚଳରେ ଏକ ମାର୍କେଟ କମ୍ପ୍ଲେକ୍ସ ପାଇଁ ଶୁଭ ଦେଇଥିଲେ । ପରେ ସେଠାରେ କେତେକ ରୁମ୍ ନିର୍ମାଣ ହୋଇଥିଲା । ଏନ୍‌ଏସିର ତତ୍କାଳୀନ କର୍ତ୍ତୃପକ୍ଷ ବ୍ୟବସାୟ ପାଇଁ ପ୍ରତ୍ୟେକ କାଉନସିଲର୍‌ଙ୍କୁ ଗୋଟିଏ ଲେଖାଏ ରୁମ୍ ଦେବା ପାଇଁ ଦେବା ପାଇଁ ନିଷ୍ପତ୍ତି ନେଇଥିଲେ । ଏ ନେଇ ଜଣେ ପୂର୍ବତନ କାଉନସିଲର କହିଛନ୍ତ, ଏବେକାର ପାରଳାଖେମୁଣ୍ଡି ବିଧାୟକ ସେତେବେଳେ ମଧ୍ୟ ବିଧାୟକ ଥିଲେ । ହେଲେ ସେ ସମୟରେ ନିର୍ବାଚନ ଥିବା ଯୋଗୁ ସେ କାଉନସିଲର୍‌ମାନଙ୍କୁ ରୁମ୍ ନ ଦେବାପାଇଁ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ । ତଦନୁଯାୟୀ କାଉନସିଲର୍‌ମାନଙ୍କୁ ଲିଜ୍‌ରେ ରୁମ୍ ଦେବା କାର୍ଯ୍ୟ ସ୍ଥଗିତ ରହିଥିଲା । ତେବେ ନିର୍ବାଚନ ଶେଷ ହେବା ପରେ ରୁମ୍ ଦେବାକୁ କେନ୍ଦ୍ରକରି ରାଜନୈତିକ କନ୍ଦଳ ସୃଷ୍ଟି ହେବା ଯୋଗୁ ପରବର୍ତ୍ତୀ ସମୟରେ ନିର୍ମିତ ରୁମ୍‌ଗୁଡ଼ିକ ଅବ୍ୟବହୃତ ପଡ଼ିଥିଲା । କେତେକ ବ୍ୟବସାୟୀ ଏନ୍‌ଏସିରୁ ଅନୁମତି ନେଇ ନିଜ ଖର୍ଚ୍ଚରେ ରୁମ୍ ଗୁଡ଼ିକରେ ଶଟର୍ ମଧ୍ୟ ଲଗାଇଥିଲେ । ମାତ୍ର ଆବର୍ଜନାମୟ ପରିବେଶ ସହ କୁକୁର ଓ ଘୁଷୁରିଙ୍କ ଆଡ୍ଡା ଯୋଗୁ ରୁମ୍ ଗୁଡ଼ିକ ବ୍ୟବହାର ହୋଇପାର ନ ଥିଲା । ତେବେ କେତେକ ରୁମ୍‌ର ଶଟର୍ କଳଙ୍କି ଲାଗି ନଷ୍ଟ ହୋଇଯିବା ପରେ ଏବେ ରୁମ୍ ଭିତରେ ଘୁଷୁରି ଆଶ୍ରୟ ନେଉଛନ୍ତି । ଏହା ବାହାରେ ମଧ୍ୟ ଦଳ ଦଳ ଘୁଷୁରି ଓ କୁକୁର ଶୋଇଥିବା ଦେଖିବାକୁ ମିଳୁଛି । ସେହିପରି ଦୁର୍ଗନ୍ଧ ଯୋଗୁ ଲୋକେ ସେଠାକୁ ଯିବା ମଧ୍ୟ କଷ୍ଟକର ହୋଇପଡ଼ିଛି । ସରକାରୀ ଅର୍ଥ ବ୍ୟୟରେ ନିର୍ମିତ ରୁମ୍‌ଗୁଡ଼ିକ ଏପରି ‘ସର୍‌କାର୍ କା ମାଲ୍ ଦରିଆ ମେ ଡାଲ୍’ ନୀତିରେ ନଷ୍ଟ କରିବା ଏବଂ ଅସ୍ୱାସ୍ଥ୍ୟକର ପରିବେଶରେ ପନିପରିବା ଓ ଆମିଷ ବିକ୍ରିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଶୀଘ୍ର ବଜାର ଅଞ୍ଚଳକୁ ସଫା କରିବା ସହ ରୁମ୍ ଗୁଡ଼ିକର ଉପଯୁକ୍ତ ବ୍ୟବହାର କରିବା ପାଇଁ ଅଞ୍ଚଳବାସୀ ଓ ବ୍ୟବସାୟୀ ଦାବି କରିଛନ୍ତି ।




ଦୈନିକ ବଜାରରେ କୁକୁର ଓ ଘୁଷୁରିଙ୍କ ଆଡ୍ଡା ।

୧୦

# ଚାଉଳ ବିକ୍ରିକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟଣା: ପ୍ରଧାନ ଶିକ୍ଷକ ନିଲମ୍ବିତ

କାଲିମେଲା,୨୭।୧ (ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଲୁଗେଲ ପଞ୍ଚାୟତର ଏମପିଭି-୮୩ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଙ୍ଗଳ ମଣ୍ଡଳଙ୍କୁ କାଲିମେଲା ବିଇଓ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ମଧ୍ୟାହ୍ନ ଭୋଜନ ଚାଉଳ ପରିଚାଳନାରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଦେଶକୁ ଅବମାନନା କରିବା ଏବଂ ବିଦ୍ୟାଳୟରେ ପିଟିଆଇ ବୈଠକ ନ କରିବା ପାଇଁ ତାଙ୍କୁ ନିଲମ୍ବିତ କରାଯାଇଛି। ଏମପିଭି-୮୩ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଣ୍ଡଳ ବିଦ୍ୟାଳୟର ପିଲାମାନଙ୍କ ପାଇଁ ହେଉଥିବା ମଧ୍ୟାହ୍ନ ଭୋଜନ ଚାଉଳକୁ ଜଣେ ବ୍ୟବସାୟୀଙ୍କୁ ବିକ୍ରି କରିଥିବା ଅଭିଯୋଗ ହୋଇଥିଲା। ଏହି ଚାଉଳ ବିକ୍ରି କରିବା ସମୟର ଏକ ଭିଡିଓ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଘଟଣାକୁ କେନ୍ଦ୍ରକରି ଗତ ୧୪ରେ ବିଦ୍ୟାଳୟ ପରିଚାଳନା କମିଟି ସହିତ ବୈଠକ ବସିଥିଲା। ଏହି ସମୟରେ ଗ୍ରାମ ପଲିମଙ୍ଗଳ କମିଟି ସଦସ୍ୟମାନେ ସେଠାରେ ପହଞ୍ଚିଥିଲେ। ଚାଉଳ ବିକ୍ରିକୁ ନେଇ ସେଠାରେ ପରିଚାଳନା କମିଟି ଓ ଗ୍ରାମ କମିଟି ମଧ୍ୟରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହେବା ସହ ହାତାହାତି ହେବା ପର୍ଯ୍ୟନ୍ତ କଥା ଯାଇଥିଲା। ଏ ନେଇ ମୋଟୁ ଥାନାରେ ଅଭିଯୋଗକ୍ରମେ ୩ଟି ମାମଲା ରୁଜୁ ହୋଇଥିଲା। ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କରିବାକୁ ଦାବି ହୋଇଥିଲା। ପରେ ବିଭାଗ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଶୁକ୍ରବାର ପ୍ରଧାନଶିକ୍ଷକ ମଣ୍ଡଳଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବା ବିଇଓ ଗଙ୍ଗାଧର ପଟ୍ଟନାୟକ କହିଛନ୍ତି ।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ଟିକିଟି,୨୭।୧ (ଡି.ଏନ.ଏ.)

କେ.ନୂଆଗାଁ ଥାନା ଟିକିଟି ଫାଣ୍ଡି ମୈଶାନପୁର ଗ୍ରାମ ନିକଟରେ ରବିବାର ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ କଳବାଡ ଗ୍ରାମର ବି.ଭିମୁଡୁ (୩୬)। ପାତ୍ରପୁର ବ୍ଲକ୍ ସୁରଙ୍ଗି ଗ୍ରାମର ବି.କୁରେଶ ଆହତ ହୋଇଛନ୍ତି। ଏ ନେଇ କେ.ନୂଆଗାଁ ପୋଲିସ ନଂ. ୧୬/୨୦ରେ ମାମଲା ରୁଜୁ ହୋଇଛି। ଉଭୟେ ଜ୍ୱାଇଁ ଓ ଶଳା ବାଇକ୍ ଯୋଗେ ନିକଟସ୍ଥ ଏକ ଗ୍ରାମକୁ ଭୋଜିରେ ଯୋଗ ଦେବାକୁ ଯାଇଥିଲେ। ସେଠାରୁ ଅପରାହ୍ନରେ ଫେରୁଥିବା ବେଳେ ମୈଶାନପୁର ଛକ ନିକଟରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।










## ସଂକ୍ଷେପରେ

### ରାସ୍ତାକାମ ବନ୍ଦ ଯୋଗୁ ଆନ୍ଦୋଳନ



ସେମିଳିଗୁଡ଼ା/ସୁନାବେଡ଼ା,୨୭ା୧: ସୁନାବେଡ଼ା ପୌରପରିଷଦ ଅଧୀନସ୍ଥ ଏନ୍‌ଏସି ଟ୍ରାଫିକ ଛକରୁ ସୁନାବେଡ଼ା-୧ ଏଇଏଫ ମାର୍କେଟ, ହାଉସିଂ ବୋର୍ଡ କଲୋନୀ, ଡିପି କ୍ୟାମ୍ପକୁ ଯୋଗାଯୋଗ କରୁଥିବା ମୁଖ୍ୟ ରାସ୍ତା କାମ ବନ୍ଦ ରହିଥିବା ନେଇ ସୋମବାର ପୌରପରିଷଦ ଅଞ୍ଚଳର ସମସ୍ତ ଜନସାଧାରଣ ଏକାଠି ହୋଇଛନ୍ତି। ବିରାଟ ରାଲି ସହ ସେମାନେ ମ୍ୟୁନିସିପାଲିଟି ଅଫିସ ଘେରାଉ କରିବା ସହ ସୁନାବେଡ଼ା ଥାନା ଘେରି ଥାନା ଅଧିକାରୀଙ୍କୁ ଦାବିପତ୍ର ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଉକ୍ତ ରାସ୍ତା କାମ ସୁନାବେଡ଼ା ଏଇଏଫ ମାର୍କେଟରୁ ରାସ୍ତା ଚଉଡ଼ା କରି କାମ ଚାଲୁ ରହିଥିବା ବେଳେ ଡିପି କ୍ୟାମ୍ପ ଛକରୁ ପୋଲିସ କ୍ୟାମ୍ପ ଦେଇ ଯାଇଥିବା ପ୍ରାୟ ୫୦୦ ମିଟର ରାସ୍ତା ଚଉଡ଼ାକୁ ନେଇ ରାସ୍ତା କାମ ବନ୍ଦ ରହିଥିବାରୁ ଉକ୍ତ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। କେତେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାପରେ ରାସ୍ତା କାମ ବନ୍ଦ କରାଯାଇଥିବା ଅଭିଯୋଗ ଆଣିଛନ୍ତି ଅଞ୍ଚଳବାସୀ। ଏହି ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜି ବାରମ୍ବାର ଦୁର୍ଘଟଣା ଘଟୁଥିବା ସେମାନେ କହିଛନ୍ତି।

### ଭୀମଭୋଇ ସାମର୍ଥ୍ୟ ଶିବିର



ଲମତାପୁଟ, ୨୭ା୧(ଡି.ଏନ୍.ଏ.): କୋରାପୁଟ ଜିଲା ଲମତାପୁଟ ବ୍ଲକ କାର୍ଯ୍ୟାଳୟରେ ସୋମବାର ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୨୭୨ ଜଣ ନାମ ପଞ୍ଜୀକୃତ କରିଥିଲେ। ଡାକ୍ତର ସେମାନଙ୍କୁ ପରୀକ୍ଷା କରି ଦିବ୍ୟାଙ୍ଗ ପ୍ରମାଣପତ୍ର ଦେଇଥିଲେ। ୩୩ ଜଣଙ୍କୁ ଇନ୍‌କମ୍ ସାର୍ଟିଫିକେଟ, ୪୯ଜଣଙ୍କୁ ଡିଆର୍ ଲୋନ, ୨୪ଜଣଙ୍କୁ ପେନଶନ, ୯ଜଣଙ୍କୁ ସ୍କଲାରସିପ୍, ୫୨ ଜଣଙ୍କୁ ମୋ କୁଡିଆ ଯୋଜନା ଓ ୨ଜଣଙ୍କୁ ହ୍ୱିଲ୍ ଚେୟାର ପ୍ରଦାନ କରାଯାଇଥିଲା। ଲମତାପୁଟ ବିଡିଓ ସୌମ୍ୟ ସାର୍ଥକ ମିଶ୍ର ଓ ବିଭିନ୍ନ ବିଭାଗୀୟ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଞ୍ଚାୟତ ସମିତି କର୍ମଚାରୀ, ଅଙ୍ଗନୱାଡି କର୍ମୀ ଏଥିରେ ସହଯୋଗ କରିଥିଲେ।

### ୪୧ ଅଭିଯୋଗ ଶୁଣିଲେ ଜିଲାପାଳ



ଲକ୍ଷ୍ମୀପୁର,୨୭ା୧(ଡି.ଏନ୍.ଏ.): ଲକ୍ଷ୍ମୀପୁର ବ୍ଲକ କାର୍ଯ୍ୟାଳୟ ଅଭିଯୋଗ ପ୍ରକୋଷ୍ଠରେ ସୋମବାର ଜିଲାପାଳଙ୍କ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଜିଲାପାଳ ମଧୁସୂଦନ ମିଶ୍ର ୪୧ ଅଭିଯୋଗର ଶୁଣାଣି କରିଛନ୍ତି। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୨୪ ଏବଂ ୧୭ଟି ସାମୂହିକ ଅଭିଯୋଗ ଥିଲା। ନୂତନ ରାସ୍ତା, ପୋଲ, ପାନୀୟ ଜଳ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଘରବାଡି ପଟା, କୋଡିଙ୍ଗାମାଲି ଖଣି ଅଞ୍ଚଳରେ ନିଯୁକ୍ତି ପାଇଥିବା ଯୁବକଙ୍କ ଖଣି ନିଗମରେ ଶାନ୍ତିପୂର୍ଣ୍ଣ କାର୍ଯ୍ୟକ୍ରମ ସମ୍ପର୍କରେ ଅଧିକାଂଶ ଅଭିଯୋଗ ରହିଥିଲା। ତା' ସହିତ ଖଣି ବିରୋଧୀ ଗୋଷ୍ଠୀ ମଧ ଅଭିଯୋଗ ବାଢ଼ିଥିଲେ। ଜିଲାପାଳ ସମସ୍ତ ଅଭିଯୋଗ ଶୁଣି ଏହାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ପି ମୁକେଶ କୁମାର ଭାମୋ, ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର ନାୟକ, ଡିଏଫ୍‌ଓ ରିଙ୍କୁ କୁମାରୀ, ସିଡିଏମ୍‌ଓ ଡକ୍ଟର ଏମ୍. ବେଉରା, ଡିଡି ଡିପିଏମ୍‌ୟୁ କୋରାପୁଟ ଏସ୍.କେ. ବେହେରା, ଡିସ୍‌ଡବ୍ଲ୍ୟୁଓ ହରେକୃଷ୍ଣ ପ୍ରଧାନ, ଡିଏଲ୍‌ଓ ଏମ୍. ଶୋଭାସୁନ୍ଦର, ଆରଏନ୍ ମହାପାତ୍ର, ଡିପିଓ ସୁଦେଶ ପଟ୍ଟନାୟକ, ଡିସିପିଓ ରାଜେଶ୍ୱରୀ ଦାସ, ଡିଡିଏମ୍ ଧରଣୀଧର ନାୟକ, ଡିଇଓ କେ.ସି. ବେହେରା, ବିଡିଓ ପ୍ରସନ୍ନ ଷଡ଼ଙ୍ଗୀ, ତହସିଲଦାର ମଧୁମିତା ପାମେଲାକର, ଏସ୍‌ଡିପିଓ ଅଶ୍ୱିନୀ କୁମାର ନାୟକ, ମାଇନିଂ କର୍ପୋରେଶନ ଆରଏମ୍ ପ୍ରଦୀପ୍ତ ସିଠ ଉପସ୍ଥିତ ଥିଲେ।

■ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଜିଲାପାଳଙ୍କ ଆହ୍ୱାନ

# 'ବିକାଶ ପାଇଁ ତ୍ରିରଙ୍ଗା ତଳେ ଶପଥ ନିଅ'



ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ପରେଡ୍ ଅଭିବାଦନ ଗ୍ରହଣ କରୁଛନ୍ତି କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର।

କୋରାପୁଟ,୨୭ା୧(ସ୍ୱ.ପ୍ର.)

କୋରାପୁଟ ସଦର ପୋଲିସ ପଡ଼ିଆରେ ରବିବାର ଜିଲାସ୍ତରୀୟ ୭୧ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ପତାକା ଉତ୍ତୋଳନ ସହ ପରେଡ୍ ଅଭିବାଦନ ଗ୍ରହଣ କରି ଜିଲାପାଳ ମଧୁସୂଦନ ମିଶ୍ର କହିଥିଲେ, ସରକାରୀ ଯୋଜନାର ସଫଳ ରୂପାୟନ, ସମାଜରେ ରହିଥିବା ସମସ୍ତ ଧର୍ମ, ଜାତି, ବର୍ଗର ଲୋକଙ୍କ ଉନ୍ନତି ପାଇଁ କାର୍ଯ କରିବାକୁ ତ୍ରିରଙ୍ଗା ତଳେ ଶପଥ ନିଅ। ଏହି ଅବସରରେ ଜିଲାର ଶ୍ରେଷ୍ଠ ସରକାରୀ କର୍ମଚାରୀ, ଅଧିକାରୀ, ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏହାପରେ ମୁଖ୍ୟ ଅତିଥି ଓ ଅନ୍ୟ ଅଧିକାରୀମାନେ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ, ଜେଲ, ଦୃଷ୍ଟିହୀନ ବିଦ୍ୟାଳୟର ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବାଣ୍ଟିଥିଲେ। ଏଥିରେ ଏସ୍‌ପି ମୁକେଶ କୁମାର ଭାମୋ, ଏଡିଏମ୍ ଦେବେନ ପ୍ରଧାନ, ବିଧାୟକ ରଘୁରାମ ପଡାଲ, ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀ, ଜିଲା ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ରାୟଗୁରୁ ଉପସ୍ଥିତ ଥିଲେ। ଅଧ୍ୟାପକ ରବି ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍କୁଲ ପରିଦର୍ଶନ କଲେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ

ବୈପାରୀଗୁଡ଼ା,୨୭ା୧(ଡି.ଏନ୍.ଏ.):

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଦର୍ଶକ ସୁନ୍ଦରଲାଲ ସିଲ୍ ଓ ଯୁଗ୍ମ ନିର୍ଦ୍ଦେଶକ ବୈପାରୀଗୁଡ଼ା ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ବିଦ୍ୟାଳୟର ଭିତ୍ତିଭୂମି ଦେଖିବା ସହ ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଆଦିବାସୀ ଅଧ୍ୟୁଷିତ ଇଲାକା ବୈପାରୀଗୁଡ଼ା ବ୍ଲକରେ ଏକମାତ୍ର ଯୁକ୍ତଦୁଇ ବିଦ୍ୟାଳୟ ହେତୁ ବହୁ ସଂଖ୍ୟାରେ ଆଦିବାସୀ ଛାତ୍ରୀଛାତ୍ର ଏଠାରେ ପଢୁଛନ୍ତି। ସେମାନଙ୍କ ରହିବା ପାଇଁ ଏଠାରେ ହଷ୍ଟେଲ ବ୍ୟବସ୍ଥା ନ ଥିବା ବିଦ୍ୟାଳୟର ଅଧ୍ୟକ୍ଷ କୁମୁଦ ରଞ୍ଜନ ମହାରଣା ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଦିବାସୀ କଲ୍ୟାଣ ବିଭାଗ ସହ ଯୋଗାଯୋଗ କରି ଏଥିପାଇଁ ପଦକ୍ଷେପ ନେବେ ବୋଲି ବୋଲି ନିର୍ଦ୍ଦେଶକ ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟରେ ୫ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଥିବା ବେଳେ ଆବଶ୍ୟକ ଭିତ୍ତିଭୂମି ଅଭାବ କାରଣରୁ ସିଟ୍ ସଂଖ୍ୟା ବୃଦ୍ଧି କରାଯାଉ ନାହିଁ। ଫଳରେ ବ୍ଲକର ବହୁ ସଂଖ୍ୟକ ଆଦିବାସୀ ଛାତ୍ରୀଛାତ୍ର ବ୍ଲକ ବାହାରକୁ ଯାଇ ପାଠ ପଢ଼ିବାକୁ ବାଧ୍ୟ ହେଉଛନ୍ତି। ଭିତ୍ତିଭୂମି ବିକାଶ ପାଇଁ ପାଣ୍ଠି ଯୋଗାଇଦେବାକୁ ବିଦ୍ୟାଳୟ ଅଧ୍ୟକ୍ଷ ଦାବି କରିଥିଲେ। ବ୍ଲକର କାନ୍ଦିଲବେଢ଼ାରେ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଆବାସିକ ଉଚ୍ଚ ବିଦ୍ୟାଳୟରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଖୋଲିବାକୁ ଉଦ୍ୟମ କରିବେ ବୋଲି ନିର୍ଦ୍ଦେଶକ କହିଥିଲେ।

## ପୋଡ଼ିଗଲା ଧାନ, ଚାଷୀ ହତାଶ

ଦଶମନ୍ତପୁର,୨୭ା୧(ଡି.ଏନ୍.ଏ.):

ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପରଜା ବେଡ଼ାପଦର ପଞ୍ଚାୟତ ସେମ୍ପି ଗ୍ରାମରେ ନିଆଁ ଲାଗି ୧୯୦ ପେଣ୍ଡା ଧାନଗଦା ପୋଡ଼ିଯାଇଛି। ସେମ୍ପି ଗ୍ରାମ ଆଦିବାସୀ ସାହିର ପ୍ରେମ ଜାନୀଙ୍କ ୪୦ ପେଣ୍ଡା, ଚକ୍ର ମୁଦୁଲିଙ୍କ ୫୦ ପେଣ୍ଡା, ସୁନ୍ଦ୍ରୁ ଜାନୀଙ୍କ ୬୦ ପେଣ୍ଡା ଓ ଦୁକୁ ମୁଦୁଲିଙ୍କ ୪୦ ପେଣ୍ଡା ଧାନ ଗାଁ ନିକଟସ୍ଥ ଖାଲରେ ଏକାଠି କରିଥିଲେ। ସନ୍ଧ୍ୟା ୬ଟାରେ କୌଣସି କାରଣରୁ ନିଆଁ ଲାଗିଯାଇ ୮୦ ପ୍ରତିଶତ ଜଳି ପୋଡ଼ି ନଷ୍ଟ ହୋଇଯାଇଥିଲା। ଏ ସଂପର୍କରେ ସ୍ଥାନୀୟ ତହସିଲଦାର ଅଜୟ ପ୍ରକାଶ ତିର୍କି ଆର୍‌ଆଇଙ୍କୁ ପଠାଇ ତଦନ୍ତ କରି ଆକଳନ ପରେ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

■ ଉପଖଣ୍ଡରେ ସାଧାରଣତନ୍ତ୍ର ଦିବସ

## ସମ୍ବିଧାନ, ଗଣତନ୍ତ୍ରକୁ ସମ୍ମାନ ଦେଲେ ଦେଶ ଆଗକୁ ଯାଏ

ଜୟପୁର,୨୭ା୧(ନି.ପ୍ର./ଡି.ଏନ୍.ଏ.)

ଯେଉଁ ଦେଶ ସମ୍ବିଧାନ ଓ ଗଣତନ୍ତ୍ରକୁ ଯେତେ ଅଧିକ ସମ୍ମାନ ଦିଏ, ସେହି ଦେଶ ଅଧିକ ଆଗକୁ ଯାଏ। ଜୟପୁର ଉପଖଣ୍ଡସ୍ତରୀୟ ୭୧ତମ ସାଧାରଣତନ୍ତ୍ର ଦିବସ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଲୋକନାଥ ଦଳବେହେରା ଜାତୀୟ ପତାକା ଉତ୍ତୋଳନ କରି ଏହା କହିଛନ୍ତି। ସହରର ମୁଖ୍ୟରାସ୍ତା ସର୍ଦ୍ଦାର ବଲ୍ଲଭଭାଇ ପଟେଲ ମାର୍ଗରେ ରବିବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏସ୍‌ଡିପିଓ ଗୁଣ୍ଡାପାଲୀ ବରୁଣ ମୁଖ୍ୟଅତିଥିଙ୍କ ସହ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ପରେଡ୍‌ରେ ଜୟପୁର ଅଞ୍ଚଳର ସ୍କୁଲ, କଲେଜର ୫୨ଟି ଗ୍ରୁପ୍ ସାମିଲ ହୋଇଥିଲେ। ରାଷ୍ଟ୍ରପତି ବିଶିଷ୍ଟ ସେବା ପଦକ ପାଇଁ ମନୋନୀତ ଉପକାରାଗାର ଅଧୀକ୍ଷକ ଲଲାଟେନ୍ଦୁ ଦାସ, ଉପଖଣ୍ଡର ଶ୍ରେଷ୍ଠ ପୋଲିସ ଅଧିକାରୀ ଭାବେ ଟାଉନ ଥାନାର ବାଲେଶ୍ୱର ଗିଧି, ଶ୍ରେଷ୍ଠ ପୌର ଅଧିକାରୀ ଭାବେ ଆଲୋକ ରଞ୍ଜନ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର, ଶ୍ରେଷ୍ଠ ପରେଡ୍ ଟିମ୍‌କୁ ପୁରସ୍କୃତ କରାଯାଇଥିଲା।



ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସରେ ପରେଡ୍ କାର୍ଯ୍ୟକ୍ରମ।

## ତିନି ସହରରେ ଉଡ଼ିଲା ତ୍ରିରଙ୍ଗା



ସୁନାବେଡ଼ାରେ ପରେଡ୍ କାର୍ଯ୍ୟକ୍ରମ।



ଦାମନଯୋଡ଼ିରେ ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି ଅତିଥି।



ସେମିଳିଗୁଡ଼ାରେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

ସେମିଳିଗୁଡ଼ା(ସ୍ୱ.ପ୍ର.)/ ସୁନାବେଡ଼ା/ଦାମନଯୋଡ଼ି (ଡି.ଏନ୍.ଏ.),୨୭ା୧

ସେମିଳିଗୁଡ଼ା ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ସବ୍ୟସାଚୀ ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ଦେଶ ଗଠନରେ ସହାୟକ ହେବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ଦୀନେଶ ଖରା ଏଥିରେ ଉପସ୍ଥିତ ଥିଲେ।

ସୁନାବେଡ଼ା ହାଲ ପକ୍ଷରୁ ରବିବାର ୭୧ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଅତିଥି ଭାବେ ହାଲ୍ କୋରାପୁଟ ଡିଭିଜନ ଇଡି ଦେବାଶିଷ ଦେବ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ଭିଏସ୍ ବିଦ୍ୟାଳୟ, ଏଡିଏଭି ହାଇସ୍କୁଲ ସୁରକ୍ଷା ବିଭାଗ, ସାଇ ହଷ୍ଟେଲ ଛାତ୍ର ଏବଂ ଟ୍ରେନିଂ ଛାତ୍ରଙ୍କ ପକ୍ଷରୁ ପରେଡ଼ ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା। ପରେଡ୍‌ରେ ଭିଏସ୍ ବିଦ୍ୟାଳୟ ପ୍ରଥମ ଓ ପ୍ରଜ୍ଞାପନ ମେଢ଼ରେ ଉତ୍କଳ ସାଂସ୍କୃତିକ ପରିଷଦ ପ୍ରଥମ ପୁରସ୍କାର ପାଇଥିଲା। ଏହାସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜିଥିବା ୯ ଜଣ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ କ୍ରିକେଟ ମ୍ୟାଚ୍ ଓ ସୁନାବେଡ଼ା ଭଞ୍ଜ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ସୁନାବେଡ଼ା ପୌରପରିଷଦ କାର୍ଯ୍ୟାଳୟରେ ଅତିଥି ଭାବେ ପୌରାଧ୍ୟକ୍ଷା ଶୁଭଶ୍ରୀ ମଲ୍ଲିକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ପରିଷଦ କାର୍ଯ୍ୟାଳୟରେ ଏକ ପାଣି ବିଶୋଧନ ମେଶିନକୁ ନଗରପାଳ ଉଦ୍‌ଘାଟନ କରିଥିଲେ। ଏଥିରେ ଉପ ନଗରପାଳ ରତ୍ନାକର ନନ୍ଦ, କୋରାପୁଟ ଏମ୍‌ପିଙ୍କ ପ୍ରତିନିଧି ବସନ୍ତ ତ୍ରିପାଠୀ, ଜିଲା ବିଜେଡି ଉପସଭାପତି ଭରତ ଚନ୍ଦ୍ର ମଲ୍ଲିକ, ଚିତ୍ତରଞ୍ଜନ ସାହୁ, ଲକ୍ଷ୍ମୀଧର ମହାପାତ୍ର ଉପସ୍ଥିତ ଥିଲେ। ସେହିପରି ସୁନାବେଡ଼ାସ୍ଥିତ ବଧିର ବିଦ୍ୟାଳୟରେ ପ୍ରଧାନଶିକ୍ଷକ ବିନୟ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସହକାରୀ ଶିକ୍ଷକ କେଳୁଚରଣ ମହାନ୍ତି ଓ ନାରାୟଣ ମାଣିଆ ଉପସ୍ଥିତ ଥିଲେ।

ନାଲ୍‌କୋ ଖଣି ଓ ପରିଶୋଧନ ପ୍ରକଳ୍ପ ପକ୍ଷରୁ ସେକ୍ଟର-୩ ନେତାଜୀ ଷ୍ଟାଡ଼ିୟମରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସରେ ନାଲ୍‌କୋ ଇଡି ରବିଶଙ୍କର ଦାସ ମୁଖ୍ୟ ଅତିଥି ଭାବେ ପତାକା ଉତ୍ତୋଳନ କରିଥିଲେ। ସେ ସିଆଇଏସ୍‌ଏଫ୍ କମାଣ୍ଡାଣ୍ଟ ଆଲୋକ କୁମାରଙ୍କ ସହ ମିଶି ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ନାଲ୍‌କୋର କର୍ମଚାରୀଙ୍କୁ କାର୍ଯ୍ୟକ୍ଷେତ୍ରରେ ଦକ୍ଷତା ପାଇଁ ସର୍ଜନା ପୁରସ୍କାର, ସିଆଇଏସ୍‌ଏଫ୍ ଓ ଇଏସ୍‌ଏସ୍ ଯବାନଙ୍କୁ କାର୍ଯ୍ୟକ୍ଷେତ୍ରରେ ଶ୍ରେଷ୍ଠତା ପୁରସ୍କାର, ପରେଡ୍‌ରେ କୃତୀ ଦଳ, ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନାଲ୍‌କୋର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଓ ଅଧ୍ୟକ୍ଷ ଶ୍ରୀଧର ପାତ୍ରଙ୍କ ବାର୍ତ୍ତାକୁ ଡିଜିଏମ୍ ସୁରେଶ ଚନ୍ଦ୍ର ସାମଲ ପାଠ କରିଥିଲେ।

# ସବୁଠି ପ୍ରତିଧ୍ୱନିତ ହେଲା ଗଣତନ୍ତ୍ରର ଜୟଗାନ

ବୈପାରୀଗୁଡ଼ା/କୋଟପାଡ଼/ କୋଲାବନଗର/କୁନ୍ଦୁରା/ଦଶମନ୍ତପୁର ୨୭ା୧(ଡି.ଏନ୍.ଏ.)

କୋରାପୁଟ ଜିଲାର ବିଭିନ୍ନ ବ୍ଲକ ଓ ଅନୁଷ୍ଠାନରେ ରବିବାର ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ବୈପାରୀଗୁଡ଼ାରେ ବିଡିଓ ରଜନୀକାନ୍ତ ଦାସ ମୁଖ୍ୟ ଅତିଥି ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସରୋଜିନୀ କାଣ୍ଡିକି, ଉପାଧ୍ୟକ୍ଷ ତ୍ରିଲୋଚନ ଜେନା ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରେଡ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

କୋଟପାଡ଼ସ୍ଥିତ ଭୈରବ ପଡ଼ିଆରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି ଭାବେ ପତାକା ଉତ୍ତୋଳନ କରି ସାଧାରଣତନ୍ତ୍ର ଦିବସ ପାଳନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ସାଧାରଣତନ୍ତ୍ର ଦିବସ କମିଟି ସଭାପତି ତଥା ତହସିଲଦାର ଦୂତିକୃଷ୍ଣ ପାତ୍ର, ସମ୍ପାଦକ ଗଣେଶ ପଣ୍ଡା, ଆଇନଜୀବୀ ମଣିପ୍ରସାଦ ପଟ୍ଟନାୟକ, ସୁଧୀର ମହାନ୍ତି, ପଙ୍କଜ ପାତ୍ର, ରାଜେନ୍ଦ୍ର ନାୟକ ଉପସ୍ଥିତ ଥିଲେ। ଆକାଶବାଣୀ କେନ୍ଦ୍ରର ରଘୁନାଥ ବିଶ୍ୱାଳ ବିବରଣୀ ପାଠ କରିଥିଲେ। ଗାନ୍ଧୀଛକରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ତହସିଲଦାର ଦୂତିକୃଷ୍ଣ ପାତ୍ର ପତାକା ଉତ୍ତୋଳନ କରିଥିବା ବେଳେ ଗୋପବନ୍ଧୁ ପାଠାଗାରରେ ଗୋପୀନାଥ ବିଶୋୟୀ ପତାକା ଉତ୍ତୋଳନ କରିଥିଲେ।

କୋଲାବନଗର ଅଞ୍ଚଳର ପୋଷ୍ଟ ଅଫିସ୍, ବରିଷ୍ଠ ନାଗରିକ ସଙ୍ଗଠନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଷ୍ଟେଟ୍‌ବ୍ୟାଙ୍କରେ ଜଣେ ବରିଷ୍ଠ ନାଗରିକ, ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରରେ ଅନୁଷ୍ଠାନ କର୍ମକର୍ତ୍ତା ଜିତେନ୍ଦ୍ର ଜେନା, ଅପରକୋଲାବ ମୁଖ୍ୟ କାର୍ଯ୍ୟନିର୍ବାହୀ ଖଣ୍ଡର ଡେପୁଟି ନିର୍ବାହୀ ଯନ୍ତ୍ରୀ ଶିବପ୍ରସାଦ ପାଣିଗ୍ରାହୀ ପତାକା ଉତ୍ତୋଳନ କରିଥିଲେ। ସେହିପରି କର୍ମଚାରୀ ସଙ୍ଗଠନର ସଭାପତି ଦିନେଶ ମହାନ୍ତି ସଂଘ ପରିସରରେ ପତାକା ଉତ୍ତୋଳନ କରିଥିବା ବେଳେ ସମ୍ପାଦକ ଶଶିଭୂଷଣ ସ୍ୱାଇଁ ବକ୍ତବ୍ୟ ରଖିଥିଲେ। ପୋଲିସ କାର୍ଯ୍ୟାଳୟରେ ଥାନା ଅଧିକାରୀ ଅର୍ଜୁନ ବାଙ୍କିଆ, ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ଆଶିଷ ପାଢ଼ୀ, ବିଜେଡି କାର୍ଯ୍ୟାଳୟରେ ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ପତାକା ଉତ୍ତୋଳନ କରିଥିଲେ।

କୁନ୍ଦୁରା ବ୍ଲକରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପରଜା ମୁଖ୍ୟ ଅତିଥି ଭାବେ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ମାଧୁରୀ ଆଚାରୀ, ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକ, ବିଏସ୍‌ଏସ୍‌ଓ ସୁମିତ୍ରା ଖରା ଯୋଗ ଦେଇଥିଲେ। ପରେଡ୍‌ରେ କାଉଡ଼ିଆଗୁଡ଼ା କନ୍ୟାଶ୍ରମ ପ୍ରଥମ, ବାଣୁଆଗୁଡ଼ା ଶ୍ରୀଅରୋବିନ୍ଦ ମହାବିଦ୍ୟାଳୟ ଦ୍ୱିତୀୟ ଓ ଶ୍ରୀଅରୋବିନ୍ଦ ଶିକ୍ଷାନିକେତନ ତୃତୀୟ ହୋଇଥିଲେ। ସେହିପର କରାଟେ ଶିକ୍ଷକ ଦେବାଶିଷ ପାତ୍ରଙ୍କୁ ଥାନାଧିକାରୀ ସୂର୍ଯ୍ୟପ୍ରକାଶ ନାୟକ ସମ୍ମାନିତ କରିଥିଲେ। ଦେଶାତ୍ମବୋଧ ସଙ୍ଗୀତରେ କୁନ୍ଦୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଯୋଗାଭ୍ୟାସ, ପିଇଟି ଡ୍ରିଲ୍ ପାଇଁ କୁନ୍ଦୁରା ୟୁପି ସ୍କୁଲକୁ ପୁରସ୍କୃତ କରାଯାଇଛି।

ଦଶମନ୍ତପୁର ବ୍ଲକର ରାଧାକୃଷ୍ଣ ଆଦିବାସୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ତ୍ରିନାଥ ପାତିକା, ଥାନାରେ ହେଡ୍ଡୁ ବାବୁଲା ପ୍ରଧାନ, ବ୍ଲକ କାର୍ଯ୍ୟାଳୟରେ ଅଧ୍ୟକ୍ଷା ସୁନାମଣି ମୁଦୁଲି, ଉତ୍କଳ ବ୍ୟାଙ୍କରେ କ୍ଷେତ୍ର ଅଧିକାରୀ ଜଗନ୍ନାଥ ସାବତ, ସରସ୍ୱତୀ ଶିଶୁ ବିଦ୍ୟାପୀଠରେ ତହସିଲଦାର ଅଜୟ ପ୍ରକାଶ ତିର୍କି, ଅଗ୍ରଗାମୀରେ ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ ନାୟକ, ବାଣୁଆଗୁଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରମିଳା ଜେନା, ଷ୍ଟେଟ୍ ବ୍ୟାଙ୍କରେ ଶାଖା ପରିଚାଳକ ଲକ୍ଷ୍ମଣ ଭୋଇ ପତାକା ଉତ୍ତୋଳନ କରିଥିଲେ। ତେବେ ବ୍ଲକରେ ଏଥର ପରେଡ୍ ଅନୁଷ୍ଠିତ ନ ହେବା ନେଇ ଅସନ୍ତୋଷ ପ୍ରକାଶ ପାଇଛି।



କୋଲାବନଗର



କୋଟପାଡ଼



କୁନ୍ଦୁରା



ଦଶମନ୍ତପୁର

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ତେନ୍ତୁଳିଖୁଣ୍ଟି,୨୭।୧(ଡି.ଏନ.ଏ)- ତେନ୍ତୁଳିଖୁଣ୍ଟି ବ୍ଲକରେ ଜିଲାପାଳ ଅଜିତ କୁମାର ମିଶ୍ର ସୋମବାର ଅଭିଯୋଗ ଶୁଣାଣି କରିଛନ୍ତି। ୨୦ଟି ଅଭିଯୋଗ ମଧ୍ୟରୁ ୧୫ଟି ବ୍ୟକ୍ତିଗତ ହୋଇଥିବା ବେଳେ ୫ଟି ସାମୂହିକ ରହିଥିଲା। ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଉପଜିଲାପାଳ ଭାସ୍କର ରଇତୋ, ଜିଲା ଶିକ୍ଷା ଅଧିକାରୀ ଚନ୍ଦ୍ର ଶୋଖର ପାଣିଗ୍ରାହୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶାନ୍ତିଲତା ହେମ୍ବ୍ରମ, ଜିଲା ପଞ୍ଚାୟତ ଅଧିକାରୀ ଶିଶିର ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ଅଭିଯୋଗ ଶୁଣାଣି ପରେ ଜବାହର ନବୋଦୟ ବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ। ସେଠାରେ ବିଭିନ୍ନ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପ୍ରଶ୍ନ ପଚାରିବା ସହ ପାଠ ପଢ଼ାଇଥିଲେ। ଜବାହର ନବୋଦୟ ବିଦ୍ୟାଳୟର ଅଧକ୍ଷ ଦୁର୍ଗା ପ୍ରସାଦ ଉପସ୍ଥିତ ଥିଲେ।

## ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

କୋଷାଗୁମୁଡା,୨୭।୧(ଡି.ଏନ.ଏ)- କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ବାଲେଙ୍ଗା ପଞ୍ଚାୟତର ସିକଡାଗୁଡା ଗ୍ରାମର ବଳି ଭତ୍ରା ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ବଳି ନିକଟସ୍ଥ ଜଙ୍ଗଲକୁ ପତ୍ର ତୋଳିବା ପାଇଁ ଯାଇଥିଲେ। ସେହି ସମୟରେ ହଠାତ ଭାଲୁ ଆସି ତାଙ୍କୁ ଆକ୍ରମଣ କରିଥିଲା। ଏଥିରେ ଗୁରୁତର ହୋଇ ସେ ଜଙ୍ଗଲରେ ପଡିଥିଲେ। ପରିବାର ଲୋକ ଖୋଜାଖୋଜି କରି ଜଙ୍ଗଲରେ ପହଞ୍ଚି ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ‘କୃଷି, ଶିକ୍ଷାକୁ ଗୁରୁତ୍ୱ’

ନବରଙ୍ଗପୁର,୨୭।୧(ବି.ପ୍ର.)

୭୧ ତମ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ଷ୍ଟାଡିୟମ ଠାରେ ମହାସମାରୋହରେ ପାଳିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ଦକ୍ଷତା ବିକାଶ ଓ ବୈଷୟୀକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ପ୍ରେମାନନ୍ଦ ନାୟକ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ପରେଡ ଅଭିବାଦନ ଗ୍ରହଣ କରିବା ସହ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଦେଖିଥିଲେ। ଏହି ଅବସରରେ ମନ୍ତ୍ରୀ ନବରଙ୍ଗପୁର ଜିଲାର ଶହୀଦ ଓ ସ୍ୱାଧିନତା ସଂଗ୍ରାମୀଙ୍କ ସ୍ମୃତି ଚାରଣ କରିବା ସହ ବିଭିନ୍ନ କ୍ଷେତ୍ରରେ ଜିଲାର ବିକାଶ ହୋଇପାରିଛି ବୋଲି କହିଥିଲେ। ଏହି ଅବସରରେ ଝରିଗାଁର ବ୍ଲକର ଶ୍ରେଷ୍ଠ ଅଙ୍ଗନୱାଡି କର୍ମୀ ପ୍ରଭାଞ୍ଜଳୀ ନାୟକ, ଡାବୁଗାଁର ଜୟନ୍ତ ନାୟକ, ନବରଙ୍ଗପୁରର ରଶ୍ମିତା ସ୍ୱାଇଁ, ଶ୍ରେଷ୍ଠ ଆଶା କର୍ମୀ ଭାବେ ଡାଳିମ୍ବ ମାଳି, ନାରଙ୍ଗ ସାନ୍ତା, ଜୟନ୍ତି ହରିଜନ, ସମାଜସେବାରେ ଖାତିଗୁଡାର ସମୀର କୁମାର ହରିଜନ, ସାହସିକତା ପାଇଁ ବିରଞ୍ଚି ମାଝୀଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ସେହିଭଳି ଗାରିମା ରୌପ୍ୟ ପଦକ ପାଇଥିବା ଚିର୍ମାପଣ୍ଡି ପ୍ରାଥମିକ ବିଦ୍ୟାଳୟ, ପଖନାଗୁଡା ପ୍ରାଥମିକ ବିଦ୍ୟାଳୟ,ଭୋରଣ୍ଡଖୁଣ୍ଟା ପ୍ରାଥମିକ ବିଦ୍ୟାଳୟ, ଗୁରୁସିଙ୍ଗା ପ୍ରାଥମିକ ବିଦ୍ୟାଳୟ କେବିକଙ୍ଗା ଡିଏନକେ ୟୁପି ସ୍କୁଲ ଓ ଶ୍ରେଷ୍ଠ କୃଷକ ଭାବେ ପ୍ରଧାନୀଗୁଡା ଗାଁର କାମ ଦେବ ଗୌଡ,ଶ୍ରେଷ୍ଠ କୃଷକ ସାଥି ମମତା ରାଣୀ ନାୟକ, କୃଷି କର୍ମୀ ବୃନ୍ଦାବନ ସାହୁ, ଶ୍ରେଷ୍ଠ କନଷ୍ଟେବଲ ସୁଶାନ୍ତ କୁମାର ନାୟକ, ଶ୍ରେଷ୍ଠ ଇନ୍ସପେକ୍ଟର ସରିତା କୁମାରୀ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସେହିଭଳି ମିଳିତ ପରେଡରେ


ମନ୍ତ୍ରୀ ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି ।

ସବ ଜୁନିୟର ବିଭାଗରେ ରନର୍ସ ଭାବେ ନବରଙ୍ଗପୁର ପବ୍ଲିକ ସ୍କୁଲ, ଉଇନର ସରସ୍ୱତୀ ଶିଶୁ ମନ୍ଦିର, ସିଭିଲିୟାନ ଜୁନିୟରରେ ଉଇନର ୟୁନିକ ପବ୍ଲିକ ସ୍କୁଲ, ରନର୍ସ ଥିଓଡର ପବ୍ଲିକ ସ୍କୁଲ, ସିନିୟର ସିଭିଲିୟାନରେ ଉଇନର ବିଦ୍ୟାର୍ଥୀ ବିଜ୍ଞାନ ମହାବିଦ୍ୟାଳୟ, ରନର୍ସ ଜବାହାର ନବଦୋୟ ବିଦ୍ୟାଳୟ, ରେଡକ୍ରସ ସ୍କାଉଟ(ନନସିଭିଲିୟାନ)ରେ ଉଇନର ଆରସିଡି ନୋଡାଲ ହାଇସ୍କୁଲ,ରନର୍ସ ସ୍କାଉଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଏନସିସିରେ ଉଇନର ନବରଙ୍ଗପୁର ମହାବିଦ୍ୟାଳୟ, ନବରଙ୍ଗପୁର ଆରସିଡି ନୋଡାଲ ହାଇସ୍କୁଲକୁ ରନର ଭାବେ ସିଲଡ୍ ପ୍ରଦାନ କରି ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ । ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମରେ ମଦର ଟେରେସା ପବ୍ଲିକ ସ୍କୁଲ ପ୍ରଥମ, ଟେକ୍ନୋ ଗୁରୁକୁଲ କଲେଜ ଦ୍ୱିତୀୟ ଓ କେନ୍ଦ୍ରୀୟ ବିଦ୍ୟାଳୟ ତୃତୀୟ ସ୍ଥାନ ପାଇ ସମ୍ମାନିତ ହୋଇଥିଲେ । ମାଝିଗୁଡା ଛକ ନିକଟରେ ବିଜୁ ପଟ୍ଟନାୟକ ପାର୍କ ଉଦଘାଟନ କରିବା ସହ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପ୍ରଦାନ କରିଥିଲେ । ଅପରାହ୍ନରେ ଷ୍ଟାଡିୟମ ଠାରେ ଜିଲାପାଳ ଏକାଦଶ ଓ ବାର ଆସୋସିଏସନ ଏକାଦଶଙ୍କ ମଧ୍ୟରେ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଏକାଦଶ ବିଜୟୀ ହୋଇଥିଲା । ସନ୍ଧ୍ୟାରେ ପୋଲିସ ପଡିଆ ଠାରେ ଅନୁଷ୍ଠିତ ପରସ୍କାର ବିତରଣ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲାପାଳ, ଏସପି ଡିଏଫଓ ରଞ୍ଜିତ କୁମାର ମଲ୍ଲିକ, ଉପଜିଲାପାଳ, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ଜିଲା ସଂସ୍କୃତି ତଥା କ୍ରୀଡା ଅଧିକାରୀ ମହେନ୍ଦ୍ର କୁମାର ସାହୁ, ଯୋଗ ଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଜାତୀୟ ପତାକା ତଳେ ପଡ଼ିଥିବା ଫଟୋ ଭାଇରାଲ

ପାପଡାହାଣ୍ଡି,୨୭।୧(ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକର ଡ଼ଙ୍ଗରା ପଞ୍ଚାୟତ ସଦର ମହକୁମାରେ ଥିବା ଚାଉଁରିଆ ଉଚ୍ଚ ବିଦ୍ୟାଳୟରେ ଜାତୀୟ ପତାକାକୁ ଅସମ୍ମାନ କରାଯାଇଥିବା ନେଇ କିଛି ଫଟୋ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି। ଜାତୀୟ ପତାକା ତଳେ ପଡିଥିବା ଦୃଶ୍ୟ, ୨ଟି କୁକୁର ଜାତୀୟ ପତାକା ନିକଟରେ ଥିବା ସହ ଡ଼ଙ୍ଗରା ଉଚ୍ଚ ବିଦ୍ୟାଳୟର ଫଟୋ ଭାଇରାଲ ହେବାରେ ଲାଗିଛି।

ଏହା ପରେ ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ଦେଖା ଦେବା ସହ ଶୀଘ୍ର ଏହାର ତଦନ୍ତ ଲାଗି ସାଧାରଣରେ ଦାବି ହୋଇଛି । ପତାକା ତଳେ ପଡିଥିବା ଭାଇରାଲ ଫଟୋକୁ ପ୍ରଧାନ ଶିକ୍ଷକ ପ୍ରଭାତ ଚନ୍ଦ୍ର ସ୍ୱାଇ ଖଣ୍ଡନ କରିଛନ୍ତି । ସେ କହିଛନ୍ତି ଯେ ଜାନୁୟାରୀ ୨୬ ତାରିଖ ସକାଳ ୭.୩୦ ରୁ ୮ ଟା ସମୟ ଭିତରେ ସ୍ଥାନୀୟ ସରପଞ୍ଚ ଦୁଲାରାମ ମାଝୀ ପତାକା ଉତ୍ତୋଳନ କରିଥିଲେ । ସନ୍ଧ୍ୟା ୫ ଟା ସମୟରେ ସ୍କୁଲ ପିଅନ ଯୁଗସାଇ ଭତରା ପତାକା ଆରୋହଣ କରିଥିଲେ । ଯେହେତୁ ବିଦ୍ୟାଳୟରେ ପାଚେରୀ ନାହିଁ ତେଣୁ କିଛି ଅସାମାଜିକ ବ୍ୟକ୍ତି ଏଭଳି କରି ବିଦ୍ୟାଳୟକୁ ବଦନାମ କରିଥାଇପାରନ୍ତି ବୋଲି ସେ କହିଛନ୍ତି । ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରି ଦୋଷୀକୁ ଦଣ୍ଡ ଦିଆଯାଉ ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି ।


ଜାତୀୟ ପତାକା ତଳେ ପଡିଛି।

# ଧାନବସ୍ତା ରଖି ଚାଷୀଙ୍କ ରାସ୍ତାରୋକୋ

ଚନ୍ଦାହାଣ୍ଡି, ୨୭।୧(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ଚଳିତ ଖରିଫ ଋତୁରେ ବିଭିନ୍ନ ମଣ୍ଡିରେ ଶହ ଶହ କୁଇଣ୍ଟାଲ ଧାନ ଗଦା ହୋଇରହିଛି । ଏଯାବତ୍ ଚାଷୀଙ୍କ ନାମ ପଞ୍ଜିକୃତ ନ ହୋଇ ଟୋକନ ଆସୁ ନଥିବାରୁ ପ୍ରାୟ ୨୦ହଜାର କୁଇଣ୍ଟାଲ ଧାନ ବିକ୍ରି କରିପାରିନାହାନ୍ତି ଚାଷୀ । ଏବେ ଚାଷୀ ଧାନ ବିକ୍ରି କରି ନପାରି ଅଭାବି ବିକ୍ରିର ଶିକାର ହେଉଛନ୍ତି। ସୋମବାର ଧୋଡିପାଣି ଧାନମଣ୍ଡି ଅନ୍ତର୍ଗତ ବହୁଚାଷୀ ଏବଂ ବ୍ଲକ କଂଗ୍ରେସ ପକ୍ଷରୁ ପିସିସି ସମ୍ପାଦକ କ୍ଷେମରାଜ ବାଘଙ୍କ ନେତୃତ୍ୱରେ ନିଳାମ୍ବର ପହିର, ନିଳାମ୍ବର ଦଣ୍ଡସେନା, କଂଗ୍ରେସ ନେତା ଅକ୍ଷୟ ଭୋଇ, ଟିକରାମ ଗୌଡ, ରାମେଶ୍ୱର ବାଘ, ସନ୍ନ୍ୟାସୀ ଭୋଇ, ଲଳିତ ନାୟକ, ଦେବାନନ୍ଦ ନାୟକ, ବିନୋଦ ତ୍ରିପାଠୀ, ଉମ୍ବରୁଧର ଗୌଡ, ଚାଷୀନେତା ନରେଶ୍ୱର ବେଶ୍ରା ପ୍ରମୁଖ ଉମରକୋଟ-ମାଲଗାଁ ରାଜ୍ୟ ରାଜପଥ ଧାନବସ୍ତା ରଖି ଅବରୋଧ କରି ଧାରଣା ଦେଇଥିଲେ। ଟୋକନ ଆସିବା ପରେ ଧୋଡିପାଣି ଧାନମଣ୍ଡିରେ ଧାନ ଗତ ୧୭ତାରିଖରୁ ଆଣି ଗଦା କରିଥିଲେ। କିନ୍ତୁ ଦୀର୍ଘ ୧୦ଦିନ ପରେ ମଧ୍ୟ ବିଭାଗ ପକ୍ଷରୁ ଧାନ କିଣା ନ ଯିବାରୁ ଚାଷୀ ଶୀତକାକରରେ ଧାନକୁ ଜଗି ରହିଥିଲେ । କିନ୍ତୁ ବିଭାଗ ପକ୍ଷରୁ ୩୯୩

### ମଣ୍ଡିରେ ଅବ୍ୟବସ୍ଥା

ଟୋକେନ ନଂ ଚାଷୀଙ୍କ ପରେ ସିଧାସଳଖ ୪୩୦ନଂ ଟୋକେନ ଥିବା ଚାଷୀଙ୍କ ଧାନ କିଣାଯିବା ପାଇଁ ନୋଟିସ ପରେ ମଝିରେ ଥିବା ଚାଷୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ତହସିଲଦାର ହୃଦାନନ୍ଦ ସିଂ ମାଝି, ବ୍ଲକ ଯୋଗାଣ ଅଧିକାରୀ ଦେବେନ୍ଦ୍ର ସେଠିଆ, ଲ୍ୟାମ୍ପସ ଏମଡି ଉମେଶ ଚନ୍ଦ୍ର ତ୍ରିପାଠୀ ଏବଂ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ଉତ୍ୟକ୍ତ ଚାଷୀ ସେମାନଙ୍କ ନାମ ତାଲିକାରୁ କାହିଁକି ବାଦ୍ ପଡିଲା ଏବଂ ତୁରନ୍ତ ବାଦ୍ ପଡିଥିବା ଚାଷୀଙ୍କ ଧାନ କିଣା ନ ଗଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାନମଣ୍ଡିକୁ ବନ୍ଦ କରାଯିବା ସହ ରାସ୍ତାରୋକୋ ଚାଲୁରହିବ ବୋଲି ଦାବି କରାଯାଇଥିଲା। ଏହା ପରେ ବିଡିଓ ଏବଂ ତହସିଲଦାର ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଏ.ଲକ୍ଷ୍ମଣ ରାଓଙ୍କୁ ଫୋନ ଯୋଗେ ଯୋଗାଯୋଗ ପରେ ସେ ରାଜ୍ୟ ସାରା ସରବରାହ ସାଇଟରେ ତ୍ରୁଟିଥିବା କହିଥିଲେ। ଆମେ ରାଜ୍ୟକୁ ଏସମ୍ପର୍କରେ ଜଣାଇଛୁ ତୁରନ୍ତ ବାଦ୍ ପଡିଥିବା ଚାଷୀଙ୍କ ଧାନକିଣାଯିବ ବୋଲି କହିଥିଲେ । କିନ୍ତୁ ଉତ୍ୟକ୍ତ ଚାଷୀ ଏବଂ କଂଗ୍ରେସ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦେବା ପାଇଁ କହିବାରୁ ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣାସ୍ଥଳରୁ ଚାଷୀ ପ୍ରତ୍ୟାହାର କରିଥିଲେ ।


ଚାଷୀମାନେ ଧାନବସ୍ତା ରଖି ରାସ୍ତାରୋକୋ କରିଛନ୍ତି।

# ବିଶାଳ ସହାୟ ମେଳା



କିଟ୍‌ବଣ୍ଟନ କରାଯାଉଛି।

ନବରଙ୍ଗପୁର,୨୭।୧(ବି.ପ୍ର.)

### ଦିବ୍ୟାଙ୍ଗଙ୍କୁ କିଟ୍ ଓ ଜୀବିକା ନିର୍ବାହ ସହାୟତା ପ୍ରଦାନ

ନବରଙ୍ଗପୁର ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ପକ୍ଷରୁ ସ୍ଥାନୀୟ ପୋଲିସ ପଡିଆଠାରେ ବିଶାଳ ସହାୟ ମେଳା ରବିବାର ଆୟୋଜିତ ହୋଇଯାଇଛି। ଏଥିରେ ଦକ୍ଷତା ବିକାଶ ଓ ବୈଶୟୀକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ପ୍ରେମାନନ୍ଦ ନାୟକ ଯୋଗ ଦେଇ ୧୦୦ ଜଣ ଦିବ୍ୟାଙ୍ଗଙ୍କୁ ଘରୋଇ ଉପକରଣ କିଟ ପ୍ରଦାନ କରିଥିଲେ । ୪୪ ପ୍ରକାର ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଟ ମଧ୍ୟରେ ରହିଛି । ଏହା ସହ ୫ ହଜାର ଟଙ୍କା ଲେଖାଏଁ ଜୀବିକା ନିର୍ବାହ ନିମନ୍ତେ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲାପାଳ ଅଜିତ କୁମାର ମିଶ୍ର, ଏସପି ନିତିନ କୁସଲକର, ସିଡିଏମଓ ସନ୍ତୋଷ କୁମାର ସ୍ୱାଇଁ, ଡି.ଡି.ଆର.ଓ ବିଭୂଦତ ସେଠୀ, ଘନଶ୍ୟମ ବେହେରା, ଏ. ଧନଞ୍ଜୟ ରାଓ, ଚିତରଞ୍ଜନ ପାତ୍ର, ମିଥୁନ ତ୍ରିପାଠୀ, ବୃନ୍ଦାବନ ବେବର୍ତ୍ତା, ସ୍ମୃତିପ୍ରଭା ସୁନା, ଅମ୍ରିତା କୁମାରୀ ଭୂଷଣ, ଜ୍ୟୋର୍ତିମୟୀ ବେହେରା, ସାମସନ ହରିଜନ ଓ ଘନଶ୍ୟାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶାକ୍ତକରଣ ଅଧିକାରୀ ମହେନ୍ଦ୍ର ବିଡିକା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପୋଲିସ ବିଭାଗ ପକ୍ଷରୁ ଆୟୋଜିତ ସ୍ୱେଚ୍ଛାକୃତ ମେଗା ରକ୍ତ ଦାନ ଶିବିର ମନ୍ତ୍ରୀ ଉଦଘାଟନ କରିଥିଲେ।

### ସେମାନେ ଯାହା କୁହନ୍ତି


“ ସରକାର ଓ ପ୍ରଶାସନ ପକ୍ଷରୁ ଆମଭଳି ମହିଳାଙ୍କ ପାଇଁ ଯେଉଁ କିଟ ପ୍ରଦାନ କରିଛନ୍ତି ତାହା ଅନେକ ସହାୟକ ହୋଇ ପାରିଛି । ଜୀବିକା ନିର୍ବାହ ପାଇଁ ଯେଉଁ ଅନୁଦାନ ଯୋଗାଇଛନ୍ତି ତାହା ଏକ ଭଲ ପଦକ୍ଷେପ। ଆଙ୍ଗୁଠି ନଥିବା ଲାଗି ଆଧାର କାର୍ଡ ହୋଇ ପାରୁ ନଥିବାରୁ ଭତ୍ତା ପାଇବାରୁ ବଞ୍ଚିତ ଥିଲି। ବିଭାଗୀୟ ଅଧିକାରୀ ଆଧାର କାର୍ଡ କରାଇ ଦେଲେ । ଏବେ ଭତ୍ତା ପାଇବା ପାଇଁ ବ୍ୟବସ୍ଥା କରାଇଦେଇଛନ୍ତି। ଅଧାରକାର୍ଡ କରାଇଦେବା ପରେ ଅନ୍ୟ ସରକାରୀ ସୁବିଧା ମିଳିପାରିବ।

**-ଟିଁକିଲି ଜାନୀ, ଦାରୁବନ୍ଧ ସାହି, ନବରଙ୍ଗପୁର**


“ ଏହି ସାମଗ୍ରୀ ଗୁଡିକ ପରିବାର ପାଇଁ ଉପକାର ହେଲା । ୫ ହଜାର ଟଙ୍କା ମଧ୍ୟ ପ୍ରଦାନ କରିଛନ୍ତି। ଯାହା ଦ୍ୱାରା ଛୋଟ ମୋଟ ବ୍ୟବସାୟ କରି ବଞ୍ଚିବାରେ ସହାୟକ ହୋଇପାରିବ।

**-ଲକ୍ଷ୍ମଣ ମାଳୀ, ଆସଙ୍ଗା, କୋଷାଗୁମୁଡା**


“ ଜିଲାର ଶହେ ଜଣକୁ ଚିହ୍ନଟ କରାଯାଇ କିଟ ପ୍ରଦାନ କରାଯାଇଛି। ପର୍ଯ୍ୟାୟ କ୍ରମେ ଆଗକୁ ଏହି ଭଳି କିଟ ପ୍ରଦାନ କରାଯିବ। ୧୨ ଜଣଙ୍କ ଆଧାର କାର୍ଡ ନଥିଲା। ସ୍ୱତନ୍ତ୍ର ବ୍ୟବସ୍ଥା ମାଧ୍ୟମରେ ୭ ଜଣଙ୍କ ଆଧାରକାର୍ଡ କରାଯାଇ ପାରିଛି। ଆସନ୍ତା ମାର୍ଚ୍ଚ ମାସ ମଧ୍ୟରେ ସମସ୍ତଙ୍କ ଆଧାକାର୍ଡ ସଂଯୋଗୀକରଣ ନିଶ୍ଚିତ ଭାବେ ହୋଇଯିବ । ସରକାର ପ୍ରତ୍ୟେକ ଯୋଜନା ଲୋକଙ୍କ ପାଖକୁ ପହଞ୍ଚାଇବା ପାଇଁ ଯେଉଁ ଲକ୍ଷ୍ୟ ରଖଛନ୍ତି ସେଥିପାଇଁ ନିରନ୍ତର ଉଦ୍ୟମ ରହିଛି ।

**-ମହେନ୍ଦ୍ର ବିଡିକା, ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ)**

## ୧୫ ପଞ୍ଚାୟତର ସମୀକ୍ଷା ବୈଠକ

ତେନ୍ତୁଳିଖୁଣ୍ଟି,୨୭।୧(ଡି.ଏନ.ଏ)- ତେନ୍ତୁଳିଖୁଣ୍ଟି ବ୍ଲକର ଗୌଡ ଦେଓପାଲି ପଞ୍ଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ୧୫ଟି ପଞ୍ଚାୟତର ବିଭିନ୍ନ କାର୍ଯ୍ୟ ସମୀକ୍ଷା କରାଯାଇଥିଲା। ଏଥିରେ ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ ଓ ଉପଜିଲାପାଳ ଭାସ୍କର ରଇତୋ ଯୋଗ ଦେଇଥିଲେ। କନିଷ୍ଠ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏବଂ ଗ୍ରାମ ରୋଜଗାର ସେବକ ଉପସ୍ଥିତ ଥିଲେ। ଏମଜିଏନଆରଇଜିଏସରେ କେତେ ଶ୍ରମ ଦିବସ ସୃଷ୍ଟି କରାଯାଇଛି, ଆବାସ ଯୋଜନାରେ ଗୃହ ନିର୍ମାଣରେ ବିଳମ୍ବ ଆଦି ସମ୍ପର୍କରେ ପଚାରି ଅସନ୍ତୋଷ ପ୍ରକାଶ କରିଥିଲେ। ଗ୍ରାମୀଣ ଆବାସ ଯୋଜନାରେ ଶ୍ରମିକମାନଙ୍କୁ ଠିକ ସମୟରେ ପ୍ରାପ୍ୟ ଦେବାକୁ ତାଗିଦ କରିଥିଲେ। ଶ୍ରମ ଦିବସ ସୃଷ୍ଟିରେ ଅବହେଳା କରୁଥିବା କର୍ମଚାରୀଙ୍କୁ

ଚାକିରିରୁ ବରଖାସ୍ତ ଭଳି ପଦକ୍ଷେପ ନିଆଯିବ ବୋଲି ଚେତାବନୀ ଦେଇଥିଲେ। ଜିଲା ଶ୍ରମିକମାନଙ୍କ କ୍ୟାଶ ବୁକ, ଖାଉଟି ସାମଗ୍ରୀର ଷ୍ଟକ ରେଜିଷ୍ଟ୍ରର ଠିକ ରଖିବାକୁ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶିଶିର ପାଣି ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଉପଜିଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକ ଦେଓପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ସେଠାରେ ମଧ୍ୟାହ୍ନ ଭୋଜନ ଖାଇଥିଲେ। ପରଜା ଦେଓପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପାଚେରୀ ନିର୍ମାଣ କାର୍ଯ୍ୟ ୭ ଦିନ ମଧ୍ୟରେ ଆରମ୍ଭ କରିବାକୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଶାନ୍ତିଲତା ହେମ୍ବ୍ରମକୁ ନିର୍ଦ୍ଦେଶ ଦେଇଥିଲେ।

# ସବୁଠି ଉଡ଼ିଲା ତ୍ରିରଙ୍ଗା

ଡାବୁଗାଁ/ଝରିଗାଁ/କୋଡିଙ୍ଗା/ କୋଷାଗୁମୁଡା/ ଉମରକୋଟ , ୨୭।୧ (ଡି.ଏନ.ଏ./ସ୍ୱ.ପ୍ର.)

ଡାବୁଗାଁ ବ୍ଲକ ସଦରମହକୁମା ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗ ଦେଇ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଶ୍ରେଷ୍ଠ ପରେଡ ଗ୍ରୁପ ବାଛିବା ପାଇଁ ସବଇନ୍ସପେକ୍ଟର ମାନସ ରଞ୍ଜନ ନାୟକ ଓ ଫକୀର ମୋହନ ଖୋରା ବିଚାରପତି ଭାବେ ଦାୟିତ୍ୱରେ ରହିଥିଲେ । ଗୌରୀଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ପରେଡରେ ପ୍ରଥମ , ସରସ୍ୱତୀ ଶିଶୁ ମନ୍ଦିର (୨ୟ) ଓ ବାପୁଜୀ ପବ୍ଲିକ ସ୍କୁଲ (୩ୟ) ଏବଂ ପରେଡରେ ଶ୍ରେଷ୍ଠ କମାଣ୍ଡର ଭାବେ ଶମ୍ଭୁ ରେଲି ପୁରସ୍କୃତ ହୋଇଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ନୂଆଗୁଡା ପ୍ରାଥମିକ ବିଦ୍ୟାଳୟ (୧ମ), ଓଡିଶା ଆଦର୍ଶ ବିଦ୍ୟାଳୟ (୨ୟ) ଓ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ (୩ୟ) ସ୍ଥାନ ଅଧିକାର କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଧାୟକ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଶିକ୍ଷକ ବିଶ୍ୱକ୍ଷେ କୁମାର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝୀ, ଏବିଡିଓ ପଦ୍ମନାଭ ତ୍ରିପାଠୀ, ପ୍ରଧାନ ଶିକ୍ଷୟତ୍ରୀ ମଞ୍ଜୁ ସାହୁକାର, ଭାରପ୍ରାପ୍ତ ସମାଜିକ ସୁରକ୍ଷା ଅଧିକାରୀ ଅତନୁ ଦେଉରୀ ପ୍ରମୁଖ ଯୋଗ ଦେଇଥିଲେ । ଏହାସହ ନୂଆଗୁଡା ତ୍ରିନାଥ ଯୁବକ ସଂଘ ଠାରେ ବିଧାୟକ ପତାକା ଉତ୍ତୋଳନ କରିଥିଲେ।

ଝରିଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ବିଡିଓ ଦେବେନ୍ଦ୍ର ବାହାଦୂରସିଂ ଧୁରୁଆ ମୁଖ୍ୟ ଅତିଥିଭାବେ ଯୋଗଦେଇ


କୋଷାଗୁମୁଡାଠାରେ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ପତାକା ଉତ୍ତୋଳନ କରିଥିଲେ। ସଦର ମହକୁମା ସ୍ଥିତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଖେଳ ପଡିଆରେ ଅନୁଷ୍ଠିତ ବ୍ଲକ ସ୍ତରୀୟ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଡିଓ, ସମ୍ମାନୀତ ଅତିଥି ଭାବେ ଏବିଡିଓ ପ୍ରଫୁଲ୍ଲ କୁମାର କହଁର, ଥାନା ଏସ୍‌ଆଇ ସନ୍ତୋଷ କୁମାର ମାଝୀ, ବିଇଓ ସୁରେଶ ଚନ୍ଦ୍ର ନାଏକ, ଏବିଇଓ ବିଜୟାନନ୍ଦ ସୋରୀ, ସୋଭେନ୍ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଝରିଗାଁ ବ୍ଲକର ଆଦର୍ଶ ଶିକ୍ଷୟିତ୍ରୀ ସମ୍ମାନ ସରିତା ମହାନ୍ତି, ଆଦର୍ଶ ଶିକ୍ଷକ ଶଙ୍କର ମଣ୍ଡଳ, ଆଦର୍ଶ ଛାତ୍ର ଚିନ୍ମୟ ନାୟକଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। କୋଡିଙ୍ଗା ତହସିଲ କାର୍ଯ୍ୟାଳୟଠାରେ ତହସିଲଦାର ସବ୍ୟସାଚୀ ଜେନା ପତାକା ଉତ୍ତୋଳନ କରିଥିଲେ। ଏହା ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୋଷାଗୁମୁଡା ସଦର ମହକୁମାଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବ୍ଲକରେ ବିଡିଓ ସତ୍ୟନାରାୟଣ ମେହେର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସ୍ଥାନୀୟ ମିନିଷ୍ଟାଡିୟମରେ ବ୍ଲକ ଅଧକ୍ଷା ଗୀତାମଣୀ ସମରଥ, ବସଷ୍ଟାଣ୍ଡରେ କେଏନ ରାଜୁ ପତାକା ଉତ୍ତୋଳନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଚଗୀତର ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ସହ ପୁରସ୍କୃତ କରାଯାଇଥିଲା। ଉମରକୋଟ ଡିଏନକେ ମିନି ଷ୍ଟାଡିୟମରେ ସାଧାରତନ୍ତ୍ର ଦିବସ ତହସିଲଦାର ସୁବାଷ ସିଂଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ଭାସ୍କର ରଇତୋ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ ଓ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ପରେଡରେ ସବ ଜୁନିୟର ବର୍ଗରେ ଏସ.ଏସ ବାଲ୍ ମନ୍ଦିର ପ୍ରଥମ, ଏକ୍ସ ବୋର୍ଡ ୟୁପି ସ୍କୁଲ (ସ୍କାଉଟ) ୨ୟ, ଏକ୍ସବୋର୍ଡ ୟୁପି ସ୍କୁଲ (ଗାଇଡ) ୩ୟ, ଜୁନିୟର ବର୍ଗରେ ଏସଏସ ସରକାରୀ ବିଦ୍ୟାଳୟ ପ୍ରଥମ, ଶ୍ରୀକଳିଙ୍ଗା ବିଦ୍ୟାପୀଠ ୨ୟ, ଏସଏସ ସରକାରୀ ବିଦ୍ୟାଳୟ(ସ୍କାଉଟ)୩ୟ ଓ ସିନିୟର ବର୍ଗରେ ପେଣ୍ଡ୍ରାଣି ମହାବିଦ୍ୟାଳୟ ପ୍ରଥମ, ବିଜୁପଟ୍ଟନାୟକ ମହିଳା ମହାବିଦ୍ୟାଳୟ ୨ୟ, ପେଣ୍ଡ୍ରାଣୀ ମହାବିଦ୍ୟାଳୟ (ସିଭିଲ)୩ୟ ସ୍ଥାନ ହାସଲ କରିଥିଲେ। ସାଂସ୍କୃତିକ ପ୍ରତିଯୋଗିତା ଓ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ବିଡିଓ ଦେବୀ ପ୍ରସାଦ ଟାଲି, ଏସଡିପିଓ ହେମନ୍ତ କୁମାର ପାଢ଼ୀ, ପୌରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ ଉପେନ୍ଦ୍ର ଦୀପ, ଆଇଆଇସି ଉମେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।


କୋଡିଙ୍ଗାଠାରେ ପରେଡ ପଡିଆରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।


ଉମରକୋଟଠାରେ ଅତିଥି ସିଲ୍ଡ ପ୍ରଦାନ କରୁଛନ୍ତି।


ବିଧାୟକଙ୍କ ଠାରୁ ବାପୁଜୀ ସ୍କୁଲ ଛାତ୍ରୀଛାତ୍ରମାନେ ପୁରସ୍କାର ଗ୍ରହଣ କରୁଛନ୍ତି।


ଝରିଗାଁରେ ସରିତା ମହାନ୍ତିଙ୍କୁ ଆଦର୍ଶ ଶିକ୍ଷୟିତ୍ରୀ ମାନପତ୍ର ପ୍ରଦାନ କରାଯାଉଛି।



ମାଲକାନଗିରିରେ ଛାତ୍ରୀଛାତ୍ରମାନେ ଶାରୀରିକ କ୍ରୀଡା କୌଶଳ ପ୍ରଦର୍ଶନ କରୁଛନ୍ତି ।



ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ।



ପଡିଆରେ ପତାକା ଉତ୍ତୋଳନ ଅବସରରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ ।



କାଳିମେଳାରେ ମୁଖ୍ୟଅତିଥି ପତାକା ଉତ୍ତୋଳନ କରୁଛନ୍ତି ।



ବାଲିମେଳାରେ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ଅତିଥିମାନେ ।




ମାଥିଲିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ସଂକ୍ଷେପରେ

### ମଣ୍ଡିରୁ ଉଠୁନି ଧାନ

**ମାଲକାନଗିରି,୨୭।୧(ଡି.ଏନ୍.ଏ.)** ଧାନ ମଣ୍ଡି ଆରମ୍ଭ ହୋଇ ସରକାରଙ୍କ ଦ୍ୱାରା ଧାନ କିଣା ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲେ ମଧ ଏଯାବତ୍ ମାଲକାନଗିରି ଜିଲାର ଅନେକ ସ୍ଥାନରେ ଧାନ ମଣ୍ଡିରୁ ଉଠି ନ ଥିବା ବହୁ ଚାଷୀ ଅଭିଯୋଗ କରିଛନ୍ତି। ଫଳରେ ଜିଲାର ବହୁ ଧାନ ମଣ୍ଡିରେ ଚାଷୀ ଦୀର୍ଘ ଦିନ ହେଲା ଧାନ ଧରି ବସିଛନ୍ତି । କୋରୁକୋଣ୍ଡା ବ୍ଲକ୍‌ର ମହେଶ୍ୱରପୁର, ଜବାଗଡ଼, ସୋମନାଥପୁରରେ ଏକମାସ ହେଲା ଚାଷୀଙ୍କ ନିକଟରେ କୌଣସି ସରକାରୀ ଅଧିକାରୀ ପହଞ୍ଚିନାହାନ୍ତି। ଏ ସମ୍ପର୍କରେ ଆଦିବାସୀ ସଂଘର ସଭାପତି ଘେନୁ ମୁଦୁଲି କହିଛନ୍ତି, ଧାନ କ୍ରୟ ପାଇଁ ଅଧିକାରୀମାନେ ମଣ୍ଡିକୁ ଆସୁନାହାନ୍ତି। ମଣ୍ଡିରେ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଧାନ ଚୋରି ହେବା ସମ୍ଭାବନା ମଧ ରହିଛି। ଯୋଗାଣ ଅଧିକାରୀଙ୍କୁ ବାରମ୍ବାର ଜଣାଇବା ପରେ ମଧ କୌଣସି ସୁଫଳ ମିଳୁନାହିଁ। ମଣ୍ଡିରୁ ଧାନ ଶୀଘ୍ର ନ ଉଠିଲେ ଚାଷୀ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି।

### କାଳିମେଳାରେ ନୂଆ ଥାନା ଅଧିକାରୀ



**କାଳିମେଳା,୨୭।୧(ଡି.ଏନ.ଏ.)-** କାଳିମେଳା ଥାନାର ନୂତନ ଥାନା ଅଧିକାରୀ ଭାବେ ସୁରଜ କୁମାର ଝାଙ୍କର ଯୋଗଦାନ କରିଛନ୍ତି । ସେ ପୂର୍ବରୁ ମାଥିଲି ଥାନା ଅଧୀନ ସାଲିମ ଫାଣ୍ଡିରେ କାର୍ଯ୍ୟ କରୁଥିଲେ । କାଳିମେଳା ଥାନା ଅଧିକାରୀ ପଦବୀ ଦୀର୍ଘ ଦିନ ଧରି ଖାଲି ରହିଥିଲା। ଏସଆଇ ଶେଷଦେବ ବେହେରା ଦାୟିତ୍ୱରେ ଥିଲେ। କାଳିମେଳା ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତି ଯେପରି ଭଲ ରହିବ ସେ ଦିଗରେ କାର୍ଯ୍ୟ କରିବି ବୋଲି ଝାଙ୍କର ପ୍ରକାଶ କରିଛନ୍ତି । ଥାନାର କାର୍ଯ୍ୟରତ ୨ ଏସଆଇ ଶେଷଦେବ ବେହେରା ଓ ସୋମନାଥ ଦଳବେହେରାଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ତାଙ୍କ ସ୍ଥାନରେ ୨ ଅଧିକାରୀରେ ଯୋଗ ଦେଇଛନ୍ତି ।

# ବିଶ୍ୱରେ ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରଶଂସିତ: ମନ୍ତ୍ରୀ

**ମାଲକାନଗିରି,୨୭।୧(ଡି.ଏନ.ଏ./ ସ୍ୱ.ପ୍ର.)–** ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଡି.ଏନ.କେ ଖେଳ ପଡ଼ିଆଠାରେ କଡ଼ା ସୁରକ୍ଷା ବ୍ୟବସ୍ଥାରେ ୭୧ ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ସୂଚନା ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ ସ୍ୱାଧୀନତା ଆନ୍ଦୋଳନର ବରପୁତ୍ରମାନଙ୍କୁ ମନେ ପକାଇ ଆଜିର ଦିନରେ ଆମ ଦେଶରେ ନୂତନ ସମ୍ବିଧାନ ପ୍ରତିଷ୍ଠା କରାଯାଇଥିଲା ବୋଲି ପ୍ରକାଶ କରିଥିଲେ। ଆଜି ସମଗ୍ର ବିଶ୍ୱରେ ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରଶଂସା କରାଯାଉଛି । ଏହି ପରମ୍ପରାକୁ ବଜାୟ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ହେବା ଆବଶ୍ୟକ। ବିଭିନ୍ନତା ମଧ୍ୟରେ ଏକତା ଆମର ପରିଚୟ । ସବୁ କ୍ଷେତ୍ରରେ ଆମକୁ ଆଗକୁ ବଢ଼ିବାକୁ ହେବ । ଯୁବ ଶକ୍ତିମାନେ ଦେଶର ନେତୃତ୍ୱ ନେବା ଆବଶ୍ୟକ । ମାଲକାନଗିରି ଜିଲାର ବିକାଶ ପାଇଁ ଅନେକ ସମ୍ଭାବନା ଓ ସୁଯୋଗ ରହିଛି । ସରକାର ବିକାଶକୁ ପ୍ରାଧାନ୍ୟ ଦେଇ ଅନେକ ବିକାଶମୂଳକ କାର୍ଯ୍ୟ




ମାଲକାନଗିରିରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଅତିଥିମାନେ ଅଭିବାଦନ ଗ୍ରହଣ କରୁଛନ୍ତି ।

ହାତକୁ ନେଇଛନ୍ତି। ଏହି ଅବସରରେ ସେ ମାଓବାଦୀଙ୍କୁ ହିଂସାରୁ ନିବୃତ୍ତ ରହି ଦେଶ, ରାଜ୍ୟ ଓ ଜିଲାର ସାମଗ୍ରିକ ବିକାଶରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ଖବରଦାତା ସୁଧାକର ଦାଶ, କେଶବ ଚନ୍ଦ୍ର ନାୟକଙ୍କ ସମେତ ବହୁ ସରକାରୀ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ପରେଡରେ କୃତୀ ଦଳକୁ ପୁରସ୍କୃତ କରାଯାଇଥିଲା। ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀ ଗୁଣନିଧି ନାୟକ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ ବିଧାୟକ ଆଦିତ୍ୟ ମାଢ଼ି, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡ଼ିଆମି, ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ମାନସ ମାଡ଼କାମି, ଜିଲାପାଳ ମନୀଷ ଅଗ୍ରୱାଲ, ଏସପି ରିଷିକେଶ ଡି. ଖିଲାରୀଙ୍କ ସମେତ ବହୁ ଅଧିକାରୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ବିଭାଗ ପକ୍ଷରୁ ଉନ୍ନୟନମୂଳକ କାର୍ଯ୍ୟର ପ୍ରଜ୍ଞାପନ ମେଢ ପ୍ରଦର୍ଶନ ହୋଇଥିଲା। ଜିଲା ହସ୍‌ପିଟାଲରେ ରୋଗୀ ଓ ଉପକାରାଗାରରେ କଏଦୀଙ୍କୁ ଅତିଥିଙ୍କ ଦ୍ୱାରା ଫଳ ଓ ମିଷ୍ଟାନ ବଣ୍ଟନ କରାଯାଇଥିଲା । ଅପରାହ୍ନରେ ଜିଲାପାଳ,ଏସପି ଏକାଦଶ ମଧ୍ୟରେ କ୍ରିକେଟ ମ୍ୟାଚ ହୋଇଥିଲା।

# ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

**କାଳିମେଳା/ଗୋବିନ୍ଦପାଲି/ମାଥିଲି,/ଏମଭି–୭୯/ କୁଡୁମୁଲୁଗୁମ୍ମା/ଚିତ୍ରକୋଣ୍ଡା/କୋରୁକୋଣ୍ଡା, ୨୭।୧(ଡି.ଏନ.ଏ)**

ମାଲକାନଗିରି ଜିଲା କାଳିମେଳା ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଗୁଡିକରେ ରବିବାର ୭୧ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି । ସ୍ଥାନୀୟ ଖେଳପଡିଆରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା । ଏଥିରେ ବ୍ଲକ ଅଧ୍ୟକ୍ଷ ମାଲା ମାଢି ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରି ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ବିଡିଓ ଉମା ଶଙ୍କର ଦଳାଇ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷକ ରମେଶ ବାରୋଇ,ଷ୍ଟେଟ୍‌ବ୍ୟାଙ୍କର ଶାଖା ପରିଚାଳକ କଙ୍କଣ କୁମାର ବିଶ୍ୱାସ,ସିଡିପିଓ ସନ୍ଧ୍ୟାରାଣୀ ନାୟକ,ବିଏସଓ ଦେଶା କାମରାମଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷ କାଳିମେଳା ଆଶ୍ରମ ବିଦ୍ୟାଳୟ ଭଲ ପରେଡ କରି ପ୍ରଥମ ସ୍ଥାନ ଅଧିକାର କରିଛି।

ମାଥିଲି ଶହୀଦ ଲକ୍ଷ୍ମଣ ନାୟକ ହଲ୍‌ଠାରେ ନାଗରିକ ସଚେତନ ମଞ୍ଚ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। କୁନାଲ ମିଶ୍ର ଅତିଥି ପରିଚୟ ଦେଇଥିଲେ। ଛୋଟ ପିଲାମାନେ ଦେଶଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଆଇଏମଡି ଆକବର ସମ୍ୟକ ସୂଚନା ଦେଇଥିଲେ। ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମୁଖ୍ୟବକ୍ତା, ସମ୍ମାନିତ ଅତିଥି ରୂପେ ରାମକୃଷ୍ଣ ପାଢ଼ୀ, ଡା. ଅମୀୟ କୁମାର ସ୍ୱାଇଁ, ଖଇରପୁଟ ବିଇଓ ଶଶୀଭୂଷଣ ମିଶ୍ର, ଜିଲା ପରିଷଦ ସଦସ୍ୟା ଶାନ୍ତିଲତା ମାଝୀ, ଜିଲା ପରିଷଦ ସଭ୍ୟ ବଲରାଜୁ କୋପେ, ଆଦିବାସୀ ନେତା ହଳଧର ପୂଜାରୀ, ସାମାଜିକ କର୍ମୀ ଉଦୟନାଥ ମାଦ୍ରି ଓ ରାମଗୋବିନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଏମଭି–୭୯ଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ୭୬ ବାଟାଲିୟନ ବିଏସଏଫ କମାଣ୍ଡାଣ୍ଟ ନରେନ୍ଦ୍ର ସିଂ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କମାଣ୍ଡର ସୁନିଲ କୁମାର ଧିମାନ, ଜିତେନ୍ଦ୍ର କୁମାର ସାହି, ଅଧ୍ୟାପିକା ପ୍ରଭାସିନୀ ମହାପାତ୍ର ପ୍ରମୁଖ ଅତିଥି ରୂପେ ଉପସ୍ଥିତ ରହି ଦେଶପ୍ରେମୀ ବରପୁତ୍ରମାନଙ୍କ ତ୍ୟାଗ, ଆତ୍ମବଳୀଦାନ ଉପରେ ଆଲୋକପାତ କରିଥିଲେ। ବିଏସଏଫ କ୍ୟାମ୍ପ ସମ୍ମୁଖରେ ସ୍କୁଲ କଲେଜ ଛାତ୍ରୀଛାତ୍ରମାନେ ଦେଶାତ୍ମବୋଧକ ନାଚଗୀତ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଥିରେ ସ୍ୱାମୀ ବିବେକାନନ୍ଦ ଇଂରାଜୀ ବିଦ୍ୟାଳୟ ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସୁଶ୍ରୀ କୀର୍ତ୍ତନୀୟ ଦ୍ୱିତୀୟ ଏବଂ ଡ଼. ଶ୍ୟାମା ପ୍ରସାଦ +୨ କଲେଜ ଛାତ୍ରମାନେ ତୃତୀୟ ସ୍ଥାନ ଅଧିକାର କରିଥିଲେ।

କୁଡୁମୁଲୁଗୁମ୍ମାସ୍ଥିତ ବିଏସଏଫ କ୍ୟାମ୍ପଠାରେ ସାଧାରଣତନ୍ତ୍ର ଦିବସ ପଳିତ ହୋଇଛି। କମାଣ୍ଡର କାଦର ଖାନ ପତାକା ଉତ୍ତୋଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ନୋଡାଲ ଉଚ୍ଚ ବିଦ୍ୟାଳୟ, ଯୁକ୍ତ ୨ ବିଦ୍ୟାଳୟ, ଯୁକ୍ତ ୩ ଡିଏମ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟାପକ ରଘୁନାଥ ମହାନ୍ତି, ପ୍ରଧାନଶିକ୍ଷକ ବିଜୟ କୁମାର ସାହୁ, ଦିବାକର ସୁନା, ଉଦ୍ଧବ ରାଓ ଖରା, ଯୁଗଳ କିଶୋର ସ୍ୱାଇଁ, ସୁଧାକର ନାୟକ, ବିଦ୍ୟାଧର ସାହାଣି, ଚିତ୍ତରଞ୍ଜନ ବେହେରା, ସାଧୁ ହନ୍ତାଳ ଉପସ୍ଥିତ ଥିଲେ।

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳରେ ତ୍ରିରଙ୍ଗା ପତାକା ଉଡିଛି। ସ୍ୱାଭିମାନ ଅଞ୍ଚଳର କେତେକ ସ୍ଥାନରେ ମାଓବାଦୀମାନେ ଗଣତନ୍ତ୍ର ଦିବସ ପାଳନ ନ କରିବାକୁ କେତେକ ସ୍ଥାନରେ ପୋଷ୍ଟର ମାରି ବାରଣ କରିଥିଲେ ମଧ ଚିତ୍ରକୋଣ୍ଡା ଅଞ୍ଚଳରେ ଏହାର ପ୍ରଭାବ ପଡିନାହିଁ। ଏସଡିପିଓ ସୁନାରାମ ହେମ୍ବ୍ରମଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପାପରମେଟଲା ଓଆଇସି ଲକ୍ଷ୍ମୀନାରାୟଣ ମୁଦୁଲି ପରିଚାଳନା କରିଥିଲେ । ଖେଳପଡିଆଠାରେ ହୋଇଥିବା ୭୧ ତମ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବିଡ଼ିଓ ଲରିମନ ଖରସେଲ,ତହସିଲଦାର ଟି. ପଦ୍ମନାଭ ଦୋରା ଉପସ୍ଥିତ ଥିଲେ ।ବାଲିମେଳା ଏନଏସିରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବାଲିମେଳା ନଗରରେ ଥିବା ସମଗ୍ର ବିଦ୍ୟାଳୟର ଛାତ୍ରୀଛାତ୍ର ପରେଡ଼ରେ ଅଂଶଗ୍ରହଣ କରିଥିଲେ। ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଏନଏସି ଅଧ୍ୟକ୍ଷା ଲକ୍ଷ୍ମୀ ପାଙ୍ଗି, କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ,ଓର୍କେଲ ଥାନାଧିକାରୀ ଜଗଦୀଶ ବାରା ଯୋଗ ଦେଇଥିଲେ। ବିଧାୟକ ବାକା ପତାକା ଉତ୍ତୋଳନ କରି ଆଜି ଦିନର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପୋଲିସ ଏବଂ ବିଏସଏଫ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ହୋଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ମାଓବାଦୀଙ୍କ ଦ୍ୱାରା କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କୁ ଭେଟିଲେ ବିଜେଡି ପ୍ରତିନିଧି

**ମାଲକାନଗିରି/ଖଇରପୁଟ, ୨୭।୧(ଡି.ଏନ୍.ଏ.)**

ମାଲକାନଗିରି ଜିଲାର ସ୍ୱାଭିମାନ ଅଞ୍ଚଳ ଯୋଡାମ୍ବ ଏବଂ ଜନ୍ତୁରାଇ ଗ୍ରାମରେ ମାଓବାଦୀ ଘଟାଇଥିବା ହିଂସାକାଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ଗ୍ରାମବାସୀଙ୍କୁ ବିଜେଡିର ଏକ ପ୍ରତିନିଧି ଦଳ ସୋମବାର ଭେଟିଛନ୍ତି। ଏହି ପ୍ରତିନିଧି ଦଳରେ ରାଜେନ୍ଦ୍ର ପଣ୍ଡା, ଜଗନ୍ନାଥ ମାଝି, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ବିଷ୍ଣୁ ପାତ୍ର, ଇନ୍ଦୁ ସରକାର, ମଦନ ଖୋସଲା, ସୁରେଶ ମହାନ୍ତି ପ୍ରମୁଖ ଥିଲେ। ୪ଟି ଗ୍ରାମର ଗ୍ରାମବାସୀ ନିଜର ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ଏକାଠି ଅଛନ୍ତି । ଆଗାମୀ ଦିନରେ ସେମାନେ ମାଓବାଦୀଙ୍କୁ ଉଚିତ ଜବାବ ଦେବେ ବୋଲି ପ୍ରତିନିଧି ଦଳଙ୍କ ସହ ଆଲୋଚନା ବେଳେ



ଜନ୍ତୁରାଇ ଯାଇଥିବା ବିଜେଡି ପ୍ରତିନିଧି ଦଳ ।

ପ୍ରକାଶ କରିଛନ୍ତି। ଏହି ପ୍ରତିନିଧି ଦଳ ସମସ୍ତ ବିଷୟରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଛି। ଏନେଇ ଏକ ରିପୋର୍ଟ ଜିଲା ବିଜେଡି ଏବଂ ରାଜ୍ୟ ବିଜେଡି ସୁପ୍ରିମୋଙ୍କୁ ପ୍ରଦାନ କରାଯିବ ବୋଲି ସେମାନେ ସୂଚନା ଦେଇଛନ୍ତି।

# ଆଇଟିଆଇ ଛାତ୍ର କଲେ ସ୍ୱତନ୍ତ୍ର ଦୀପ ଷ୍ଟାଣ୍ଡ



**ମାଲକାନଗିରି,୨୭।୧(ଡି.ଏନ୍.ଏ.)** ମାଲକାନଗିରିସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଛାତ୍ରମାନେ ଏକ ସ୍ୱତନ୍ତ୍ର ମୟୂର ଆକୃତିର ଦୀପ ଷ୍ଟାଣ୍ଡ ନିର୍ମାଣ କରିଛନ୍ତି। ଅଧ୍ୟକ୍ଷ ଇଂ. ରାଜେଶ ତ୍ରିପାଠୀଙ୍କ ପ୍ରେରଣାରେ ଜିତେନ୍ଦ୍ର ବରାଳ ଓ ଛାତ୍ରମାନେ ପିତଳ ଓ ଲୁହା ଛଡ଼ରେ ୧୦୦ ଦୀପ ରହୁଥିବା ଏହି ଦୀପ ଷ୍ଟାଣ୍ଡକୁ ନିର୍ମାଣ କରିଛନ୍ତି । ଶୁକ୍ରବାର ମାଉଲି ମା'ମନ୍ଦିରରେ ଛାତ୍ରୀଛାତ୍ର ମା'ଙ୍କୁ ଏହା ଅର୍ପଣ କରିଛନ୍ତି। ଛାତ୍ରଙ୍କ ଦକ୍ଷତାକୁ ପ୍ରଶଂସା କରାଯାଇଛି।

# ସୋଲାରଚାଳିତ ଜଳ ପ୍ରକଳ୍ପ ଦୂର କରିଛି ସମସ୍ୟା

**ମାଲକାନଗିରି,୨୭।୧(ଡି.ଏନ.ଏ.)–** ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ସିନ୍ଧ୍ରିମାଳ ପଞ୍ଚାୟତର ଚମ୍ପାନଗର ଗ୍ରାମରେ ସୋଲାରଚାଳିତ ଜଳ ଯୋଗାଣ ପ୍ରକଳ୍ପ ଗ୍ରାମବାସୀଙ୍କ ପାଇଁ ବରଦାନ ପାଲଟିଛି । ଏହି ଗ୍ରାମରେ ମୋଟ ୧୭ ପରିବାର ବସବାସ କରୁଥିବା ବେଳେ ଗ୍ରାମବାସୀଙ୍କ ପାଇଁ ୨ଟି ନଳକୂପ ଖନନ କରାଯାଇଥିଲା। ମାତ୍ର ଗ୍ରୀଷ୍ମ ଋତୁରେ ଏହା ଅଚଳ ହୋଇପଡୁଥିଲା। ପାନୀୟ ଜଳ ପାଇଁ ଗ୍ରାମବାସୀ ସମସ୍ୟାର ସମ୍ମୁଖୀନ ହେଉଥିଲେ । ବାରମ୍ବାର ଦାବି ପରେ ଜିଲା ଗ୍ରାମ୍ୟ



ଜଳ ଓ ପରିମଳ ମିଶନ ପକ୍ଷରୁ ପ୍ରାୟ ୫ଲକ୍ଷ ଟଙ୍କା ବ୍ୟୟରେ ଜାତୀୟ ସ୍ୱଚ୍ଛ ଶକ୍ତି ପାଣ୍ଠିରୁ ଗୋଟିଏ ସୋଲାର ଚାଳିତ ପାନୀୟ ଜଳ ପ୍ରକଳ୍ପ ଗ୍ରାମରେ ନିର୍ମାଣ କରାଯାଇଥିଲା। ଏହାଦ୍ୱାରା ଗ୍ରାମବାସୀ ସ୍ୱଚ୍ଛ ପାନୀୟ ଜଳ ପାଇପାରୁଛନ୍ତି। ପୂର୍ବରୁ ଥିବା ନଳକୂପ ଅଚଳ ହେଲେ ବହୁ ଦୂରରେ ଥିବା ଚୁଆକୁ ଯାଇ ଜଳ ସଂଗ୍ରହ କରିବାକୁ ପଡୁଥିଲା। ଏଥିପାଇଁ ସମୟ ନଷ୍ଟ ସହ ଜଳ ପାଇଁ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିବାକୁ ହେଉଥିଲା। ଏଥିଯୋଗୁ ଆମେ କାମକୁ ମଧ ଯାଇପାରୁ ନ ଥିଲୁ। ଏହି ପ୍ରକଳ୍ପ ପରେ ସେହି ସମସ୍ୟା ଦୂର ହୋଇଛି। ଦିନରାତି ୨୪ ଘଣ୍ଟା ଆମେ ପାନୀୟ ଜଳ ପାଇପାରୁଛୁ ବୋଲି ଗ୍ରାମର ଜଗେ କବାସୀ, ଗଲେ କବାସୀ, ଉଙ୍ଗେ କବାସୀ, କୁମେ କବାସୀ, ଆଇତେ କବାସୀ ପ୍ରମୁଖ ପ୍ରକାଶ କରିଛନ୍ତି।

# ମା'ମାଉଲିଙ୍କ ବିଗ୍ରହ ପ୍ରତିଷ୍ଠା ପରେ ଶୋଭାଯାତ୍ରା

**ମାଲକାନଗିରି,୨୭।୧(ଡି.ଏନ.ଏ.)–** ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ମା' ମାଉଲିଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶେଷ ହୋଇଛି। ମା'ଙ୍କୁ ଆବହାନ କରାଯାଇ ପ୍ରାତଃ ଷଟକର୍ମ, ସୂର୍ଯ୍ୟପୂଜା, ଦ୍ୱାରପୂଜା, ସର୍ବଦେବଦେବୀଙ୍କ ଷୋଡ଼ଷ ଉପଚାର କରାଯାଇଥିଲା। ପରେ ଦେବୀଙ୍କ ମନ୍ଦିର ପ୍ରବେଶ ପୂର୍ଣ୍ଣାହୁତି, ପୁଷ୍ପାଞ୍ଜଳି ପ୍ରଦାନ କରାଯାଇ ମା'ଙ୍କ ପ୍ରତିମା ଶୋଭାଯାତ୍ରା ହୋଇଥିଲା। ବାଦ୍ୟଯନ୍ତ୍ରର ତାଳେ ତାଳେ କୋୟା ଓ ଢ଼େମସା ନୃତ୍ୟ ସାଙ୍ଗକୁ ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁମାନେ ଏଥିରେ ଅଂଶଗ୍ରହଣ କରି ନଗର ପରିକ୍ରମା କରିଥିଲେ। ପୂଜା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ମା ମାଉଲିଙ୍କ ବିଗ୍ରହ ପ୍ରତିଷ୍ଠା ପରେ ବାହାରିଥିବା ଶୋଭାଯାତ୍ରା ।

